# Odisha Legislative Assembly

## ପ୍ରଥମ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୯ ଜୁଲାଇ ୨୦୨୪

----

**[ସ୍ୱରାଷ୍ଟ୍ର - ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ - ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି - ଅର୍ଥ - ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ - ସଂସଦୀୟ ବ୍ୟାପାର ମୁଖ୍ୟମନ୍ତ୍ରୀ ].**

**ମୋଟ ପ୍ରଶ୍ନର ସଂଖ୍ୟା - 120**

----

### ବକେୟା ଥିବା କର ଆଦାୟ

**452 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବିଭିନ୍ନ କର, ରାଜସ୍ୱ ବାବଦକୁ ଅଦ୍ୟାବଧି ସମୁଦାୟ କେତେ ବକେୟା ଅର୍ଥ ଆଦାୟ ହୋଇପାରିନାହିଁ ; ଏହି ଅର୍ଥ ପରିମାଣ 2020-21 ରୁ ଚଳିତ ବର୍ଷ ପର୍ଯ୍ୟନ୍ତ କେଉଁ ବର୍ଷ କେତେ ଥିଲା ; କେଉଁ ବର୍ଷରେ କେତେ ଆଦାୟ ହୋଇଥିଲା ; କେତେ ଅନାଦେୟ ରହିଥିଲା ; ଅନାଦେୟ ଅର୍ଥ ମଧ୍ୟରୁ କେଉଁ କେଉଁ ଶିଳ୍ପସଂସ୍ଥା ଓ ଖଣି ପଟ୍ଟାଦାରଙ୍କ ଉପରେ କେଉଁ କେଉଁ ବାବଦକୁ କେତେ ଅର୍ଥ କେବେଠାରୁ ବକେୟା ରହିଛି ତାର ଏକ ବିବରଣୀ ପ୍ରଦାନ କରିବେ କି ?

----

### ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା

**453 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː-ː- 2014 ସାଧାରଣ ନିର୍ବାଚନରେ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବାର ପ୍ରତିଶୃତି ଦେଇଥିବାରୁ ବର୍ତ୍ତମାନ ପରିପ୍ରେକ୍ଷୀରେ ସେଥିପାଇଁ ମୁଖ୍ୟମନ୍ତ୍ରୀ ତାଙ୍କର ଆଭିମୁଖ୍ୟ ପ୍ରକାଶ କରିବେ କି ; ଯଦି ଏଭଳି ନ କରିବାର ଆଭିମୁଖ୍ୟ ପରିବର୍ତ୍ତନ ହୋଇଥାଏ ତାହାର ରୂପରେଖ କଣ ତାହା ପ୍ରକାଶ କରିବେ କି ?

----

## PHC, CHC ରେ ଡାକ୍ତର ନିଯୁକ୍ତି

454 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ː**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସିମୁଳିଆ, ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ କେତେଗୋଟି PHC, CHC ଅଛି ; ଉକ୍ତ CHC ମାନଙ୍କରେ ନିୟମିତ ଡାକ୍ତର ନିଯୁକ୍ତି ପାଇଛନ୍ତି କି ; ଯଦି ହଁ ତେବେ ନିଯୁକ୍ତି ପାଇଥିବା ଡାକ୍ତରଙ୍କ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ; ଯଦି ନା ତେବେ ସରକାର ସାଧାରଣ ଲୋକଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଡାକ୍ତର ନିଯୁକ୍ତି କରାଇବେ କି ?

----

## ଖାଲିଥିବା ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ

455 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ː**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟ ସରକାର ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଉଥିବା ସ୍ଥଳେ ବାଲେଶ୍ୱର ଜିଲ୍ଲା ଅଧିନସ୍ଥ ସିମୁଳିଆ ଓ ଖଇରା ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟମିତ ଡାକ୍ତର ଓ କର୍ମଚାରୀ ଅଭାବ ପରଲକ୍ଷିତ ହେଉଥିବା ବେଳେ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଥିବା ଘଟଣା ସତ୍ୟ କି ; ତେବେ ଅଭାବ ଥିବା ଡାକ୍ତର ଓ କର୍ମଚାରୀଙ୍କ ପଦବୀ କେବେ ସୁଦ୍ଧା ପୂରଣ କରିବେ ତାହାର ସଠିକ୍ ଉତ୍ତର ଉପସ୍ଥାପନ କରିବେ କି ?

----

## GST ଛାଡ କରିବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରକୁ ପ୍ରସ୍ତାବ

456 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ː**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː-ː- ଆର୍ଥିକ ଶୃଙ୍ଖଳାକୁ ଦୃଷ୍ଟିଦେଇ କେଉଁ ଦ୍ରବ୍ୟ ଉପରେ GST ଛାଡ କରିବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି ତାହା କଣ ; ସାଧାରଣ ବ୍ୟକ୍ତି ଓ ମଧ୍ୟବିତ୍ତ ବ୍ୟକ୍ତିଙ୍କୁ ସେସ ବୋଝ କମାଇବା ପାଇଁ ସରକାର କଣ ବିଚାର ବିମର୍ଷ କରୁଛନ୍ତି ?

----

## ସୀମାନ୍ତ ଅଞ୍ଚଳ ଥାନାଗୁଡିକ ଆଧୁନିକୀକରଣ

457 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ː**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ମୋଟ ଗ୍ରାମାଞ୍ଚଳ ସହରାଞ୍ଚଳ ଥାନା ସଂଖ୍ୟା କେତୋଟି ; ସବୁଥାନା ବିଶେଷ କରି ସୀମାନ୍ତ ଅଞ୍ଚଳ ଥାନାଗୁଡିକୁ ଆଧୁନିକୀକରଣ (Modernization) କରାଯିବା ସକାଶେ ସରକାର କଣ ପଦକ୍ଷେପ ନେଇଛନ୍ତି ଏବଂ ଭବିଷ୍ୟତରେ କଣ କରାଯିବ ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ?

----

## ମେଡିକାଲ୍ College ରେ ଖାଲିଥିବା ଅଧ୍ୟାପକ ଓ କର୍ମଚାରୀ ପଦବୀ ପୂରଣ

458 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଲାଙ୍ଗୀର ଠାରେ ପ୍ରତିଷ୍ଠିତ ଭୀମଭୋଇ ମେଡିକାଲ୍ କଲେଜ ଓ ହସ୍ପିଟାଲରେ କେଉଁ ବିଭାଗରେ ଓ କେଉଁ ବର୍ଗରେ ମଞ୍ଜୁରୀପ୍ରାପ୍ତ ବିଭିନ୍ନ ଅଧ୍ୟାପକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ଏହା ପୂରଣ ପାଇଁ ବ୍ୟବସ୍ଥା କରିବା ସହ ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ୨୪ ଘଣ୍ଟିଆ ସିଟି ସ୍କାନ୍, ଏମ୍‌ଆରଆଇ ଓ ଅନ୍ୟ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ସୁବ୍ୟବସ୍ଥିତ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ବ୍ୟାଙ୍କ ମାନଙ୍କ ଦ୍ୱାରା ଅଧିକ ଋଣ ଲଗାଣ ପାଇଁ ପଦକ୍ଷେପ

459 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ବଲାଙ୍ଗୀର ଜିଲ୍ଲାରେ ବିଗତ ପାଞ୍ଚ ବର୍ଷରେ କେଉଁ ରାଷ୍ଟ୍ରାୟତ୍ତ, ଘରୋଇ ଓ ସମବାୟ ବ୍ୟାଙ୍କ କେତେ ଜମାରାଶି ସଂଗ୍ରହ କରିଥିବା ବେଳେ କେତେ ଋଣ ଲଗାଣ କରିଛନ୍ତି, ପ୍ରକାଶ କରି ଜିଲ୍ଲାରେ ବ୍ୟାଙ୍କ ମାନଙ୍କ ଦ୍ୱାରା ଅଧିକ ଋଣ ଲଗାଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସରକାରୀ Doctor ମାନଙ୍କ ଘରୋଇ ଚିକିତ୍ସା

460 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ସରକାରୀ Medical College ଓ Hospital ଗୁଡିକର ସରକାରୀ Doctor ମାନଙ୍କ ଘରୋଇ ଚିକିତ୍ସାକୁ ନେଇ ଆପତ୍ତି ଅଭିଯୋଗ ହେଉଥିବା ସରକାର ଜାଣନ୍ତି କି ଏବଂ ସେ ଦୃଷ୍ଟିରୁ "AIIMS" ପରି ତା ଉପରେ କୌଣସି କଟକଣା କରିବାକୁ ସରକାରଙ୍କ ପ୍ରସ୍ତାବ ରହିଛି କି, ଉତ୍ତର ହଁ ହୋଇଥିଲେ ସେ ସମ୍ପର୍କରେ ସବିଶେଷ ତଥ୍ୟ ଦେବ କି ?

----

## ନୂଆ ଅପରାଧ ଆଇନ ଲାଗୁ

461 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- କେନ୍ଦ୍ର ସରକାର ନୂଆ ଅପରାଧି ଆଇନ୍ ଏହି ମାସ ପହିଲା (ଜୁଲାଇ ୧) ରୁ ଲାଗୁ କରିଥିବାରୁ ତଦନୁସାରେ କାମ କରିବା ପାଇଁ କି ପଦକ୍ଷେପ ନେଇଛନ୍ତି ଓ ଏହାର ପ୍ରଭାବ କିଭଳି ଭାବେ ପଡିବ ବୋଲି ସରକାର ଆଶା କରୁଛନ୍ତି ?

----

## ନୂତନ PHC ପ୍ରତିଷ୍ଠା ପାଇଁ ନିତି ନିୟମ

462 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (PHC) ପ୍ରତିଷ୍ଠା କରିବାପାଇଁ ସରକାର କି କି ନୀତି ନିୟମ ସ୍ଥିର କରିଛନ୍ତି; ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗଣିଆ ବ୍ଲକର ବଡ଼ଶିଲିଙ୍ଗା ଗ୍ରାମ ପଞ୍ଚାୟତଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଆସିଥିବା ପ୍ରସ୍ତାବକୁ ବିଚାର କରି ସେଠାରେ ଏକ PHC ପ୍ରତିଷ୍ଠା କରିବେ କି ?

----

## Establishment of New Fire Station in the State

463 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- What are the Govt. rooms for establishment of New Fire Station or sub-station in the State; The tribal concentrated Banigochha and nearby G.Ps are being deprived to avail promote of fire services from existing Fire Station at Daspala which is 50KM away from those G.P s ; Will the Govt consider to establish a new Fire Station at Banigochha G.P. Head Quater under Daspala Block ?

----

## ସାଧାରଣ ନିର୍ବାଚନବେଳେ ହେଉଥିବା ହିଂସା

464 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- 2024 ସାଧାରଣ ନିର୍ବାଚନ ବେଳେ କେଉଁ କେଉଁ ଜିଲ୍ଲାର କେଉଁ କେଉଁ ଅଂଚଳରେ ନିର୍ବାଚନ ହିଂସା ସଙ୍ଘଠିତ ହୋଇଛି ଏଥିପାଇଁ କେଉଁ ବ୍ୟକ୍ତିବିଶେଷ ଦାୟୀ ରହିଛନ୍ତି, ସେମାନଙ୍କ ବିରୁଦ୍ଧରେ ବର୍ତ୍ତମାନ ସୁଦ୍ଧା କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହାର ଏକ ବିସ୍ତୃତ ବିବରଣୀ ପ୍ରଦାନ କରିବେ କି ?

----

## ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ

465 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଆୟୁଷ୍ମାନ ଯୋଜନା କେବେ କାର୍ଯ୍ୟ କରିହେବ ଏହି ଯୋଜନାରେ କେଉଁ ବର୍ଗର ଲୋକ ଉପକୃତ ହେବେ, ସର୍ବାଧିକ କେତେ ଅର୍ଥର ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ନୀତି ନିର୍ଦ୍ଧାରଣ କରାଯାଇଛି ?

----

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିଥିବା ବିଶେଷଜ୍ଞ ଡାକ୍ତର

466 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) ରାଜ୍ୟରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଆବଶ୍ୟକ ତୁଳନାରେ ବିଶେଷଜ୍ଞ, ଡାକ୍ତର ଓ ଅନ୍ୟ ପାରାମେଡିକାଲ କର୍ମଚାରୀ ନିୟୋଜିତ ନଥିବା ପ୍ରତି ସରକାର ସଚେତନ ଅଛନ୍ତି କି ଉତ୍ତର ହଁ ହେଲେ ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି, ଏବଂ (ଖ) ରାଜ୍ୟର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ମଂଜୁରୀପ୍ରାପ୍ତ ବିଭିନ୍ନ ବିଭାଗର ବିଶେଷଜ୍ଞ, ଡାକ୍ତର ଓ ଅନ୍ୟ ପାରାମେଡିକାଲ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲିଅଛି ତାହାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

## ନୂତନ ଯୋଜନା ପାଇଁ ବଜେଟ ବ୍ୟବସ୍ଥା

467 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː-ː- ରାଜ୍ୟରେ 2023 ଜାନୁୟାରୀ ଠାରୁ 2024 ଫେବୃୟାରୀ ପର୍ଯ୍ୟନ୍ତ ସରକାର କେଉଁ କେଉଁ ନୂତନ ଯୋଜନା ଓ ପ୍ରକଳ୍ପ ଘୋଷଣା କରିଥିବାବେଳେ ସେଥିପାଇଁ କେତେ ବଜେଟ ହୋଇଛି ତାହାର ବିବରଣୀ ପ୍ରଦାନ କରିବେ କି ?

----

## ସରକାରୀ ଜମି ଲିଜ୍ ନେବା

468 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː-ː- ରାଜ୍ୟରେ କେତେ ସରକାରୀ ଜମି ପ୍ରଭାବଶାଳୀ, କ୍ଷମତାଶାଳୀ, ଖଣି ମାଫିଆ, ବାଲିମାଫିଆ, ପଥରମାଫିଆ, ଦୁର୍ନୀତିଗ୍ରସ୍ତ IAS, IPS ଅଧିକାରୀ ଓ ବିଭିନ୍ନ କଥା କହି ଲିଜ୍ ନେଇ କାମ କରୁନଥିବା ଶିଳ୍ପପତିମାନେ ଜବରଦଖଲ କରିଛନ୍ତି, ସେମାନଙ୍କଠାରୁ ଜମି ଛଡାଇ ଆଣିବା ପାଇଁ ଏବଂ ଗରିବ ଲୋକମାନେ ମୁଣ୍ଡଗୁଞ୍ଜିବା ପାଇଁ ଯେଉଁ ସରକାରୀ ଜମିରେ କୁଡିଆ କରି ରହିଛନ୍ତି ସେମାନଙ୍କୁ ଉଚ୍ଛେଦ ନ କରିବା ପାଇଁ ସରକାର ନିଷ୍ପତ୍ତି ନେବେ କି ; ଜମି ସରକାରଙ୍କ ଅଧିନକୁ ଆସିଲା ଜଣାଇବେ କି ?

----

## ଖାଲିଥିବା ଡାକ୍ତର ପଦବୀ ପୂରଣ

469 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) କନ୍ଧମାଳ ଜିଲ୍ଲାରେ ଜିଲ୍ଲାମୁଖ୍ୟ ଡାକ୍ତରମାନଙ୍କୁ ମିଶାଇ କେତୋଟି CHC, PHC ଅଛି, ସମୁଦାୟ ଡାକ୍ତର ପଦ କେତେ(ମଂଜୁରୀପ୍ରାପ୍ତ) ଅଛି, ବର୍ତ୍ତମାନ କେତେ ଡାକ୍ତର ପୋଷ୍ଟ ଖାଲିଅଛି ଉତ୍ତର ଦେବା ସହ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଓ ପ୍ରମୁଖ CHC ମାନଙ୍କରେ କେଉଁ କେଉଁ ବିଶେଷଜ୍ଞ ପଦବୀ ଖାଲିଅଛି, କେଉଁ କେଉଁ ବିଭାଗରେ ଡାକ୍ତର ନଥିବା ଯୋଗୁଁ ରୋଗୀଙ୍କୁ ବିଭିନ୍ନ ମେଡିକାଲ କଲେଜମାନଙ୍କୁ AIIMS କୁ refer କରାଯାଏ ଓ ଏ ପ୍ରକାର ଅଚଳାବସ୍ଥା ଦୂର ପାଇଁ ସମସ୍ତ ଖାଲିଥିବା ଡାକ୍ତର ପୋଷ୍ଟକୁ ପୂରଣ କରିବା ପାଇଁ Technician, Pharmacist, Nurse ପଦ ପୂରଣ ପାଇଁ ପଦକ୍ଷେପ ନେବେ କି ?

----

## କୁରାଳଠାରେ ନୂତନ ଫାଣ୍ଡି ଖୋଲିବା

470 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଓଡ଼ଗାଁ ଥାନା ଅନ୍ତର୍ଗତ କୁରାଳ ଏକ ଜନବହୁଳ ପଂଚାୟତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏଠାରେ ଏକ ଫାଣ୍ଡିର ଏକାନ୍ତ ଆବଶ୍ୟକତା ନିମନ୍ତେ ଏକ ପ୍ରସ୍ତାବ ସରକାରଙ୍କୁ ପ୍ରଦାନ କରାଯାଇଥିଲା ଏହାର ସ୍ଥିତି ଉପରେ ତଥ୍ୟ ରଖିବେ କି, ଏବଂ ଆଇନ ଶୃଙ୍ଖଳାକୁ ସୁଦୃଢ଼ କରିବା ନିମନ୍ତେ ପ୍ରସ୍ତାବ ରୂପାୟନକୁ ତ୍ୱରାନ୍ୱିତ କରିବା ଦିଗରେ ବିହିତ ପଦକ୍ଷେପ ନେବେ କି ?

----

## ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅର୍ଥ ଖର୍ଚ୍ଚ

471 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ ଦିନ ଠାରୁ ବର୍ତ୍ତମାନ ସୁଦ୍ଧା ସରକାର କେତେ ଅର୍ଥ ଖର୍ଚ୍ଚ କରିଛନ୍ତି -ଏହାର ବର୍ଷୱାରୀ ତଥ୍ୟ ଦେବା ସହ ବର୍ତ୍ତମାନ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ସମସ୍ତ ହସ୍ପିଟାଲରେ ବିଗତ କେତେ ମାସ ଧରି ଅବହେଳା ପ୍ରଦର୍ଶନ କରୁଥିବା ବିଷୟ ସରକାରଙ୍କ ଦୃଷ୍ଟିକୁ ଆସିଛି କି ; ମଇ ଓ ଜୁନ ମାସରେ ସରକାର କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ଏହାର ମାସୱାରୀ ହିସାବ ଦେବେ କି ; ଏହି ଯୋଜନାକୁ ବନ୍ଦ କରିବାକୁ ସରକାରଙ୍କ ଅଭିପ୍ରାୟ ଅଛି କି ?

----

## ଖାଲିଥିବା ଡ଼ାକ୍ତର ଓ ପାରା ମେଡ଼ିକାଲ ପଦବୀ ପୂରଣ

472 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର କେଉଁ ସରକାରୀ ଡାକ୍ତରଖାନାରେ ମଞ୍ଜୁରୀପ୍ରାପ୍ତ ବିଶେଷଜ୍ଞ, ଡାକ୍ତର ଓ ଅନ୍ୟ ପାରାମେଡିକାଲ୍ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ଏହା ପୂରଣ ପୂର୍ବକ ସ୍ୱାସ୍ଥ୍ୟ ସେବା ସୁସଂହତ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ରୋଗୀଙ୍କୁ ଦିବାରାତ୍ର ଉନ୍ନତମାନର ସେବା ଯୋଗାଣ

473 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀରସ୍ଥିତ ଭୀମଭୋଇ ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ସ୍ୱାସ୍ଥ୍ୟ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଉନ୍ନୟନ ସହ ରୋଗୀଙ୍କୁ ଦିବାରାତ୍ର ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

**Received in Cyber Fraud Complain**

474 **ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (a) the number of cyber fraud complaints received by the Bhubaneswar-Cuttack Police Commissioner ate in the last year; The action taken to address these cases, including the number resolved and the amount of money recovered; (b) The Strategies developed by the Cyber Cell for prevention of future cyber fraud cases & the measures being implemented to improve cyber fraud detection and prevention across Odisha ?

----

**କଟକ ସିଟି ହସପିଟାଲରେ ଉନ୍ନତିକରଣ କାର୍ଯ୍ୟ**

475 **ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) କଟକ ସିଟି ହସପିଟାଲରେ ଉନ୍ନତିକରଣ କାର୍ଯ୍ୟ ବର୍ତ୍ତମାନ କେଉଁ ସ୍ଥିତିରେ ଅଛି ; ବର୍ତ୍ତମାନ ସୁଦ୍ଧା କେତେ ଅର୍ଥ ରାଶି ଖର୍ଚ୍ଚ ହେଲାଣି; କେବେ ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହେବ; ବର୍ତ୍ତମାନ ସିଟି ହସ୍ପିଟାଲରେ କେତେ ଡ଼ାକ୍ତର କେତେ ICU ବେଡ଼ ଅଛି; କେଉଁ କେଉଁ ବିଭାଗରେ ଡ଼ାକ୍ତର ଅଛନ୍ତି; କେଉଁ କେଉଁ ବିଭାଗରେ ଡାକ୍ତର ନାହାନ୍ତି ତା'ର ଏକ ସବିଶେଷ ତଥ୍ୟ ଦେବେ କି : ହସପିଟାଲରେ ଉନ୍ନତିକରଣ କାର୍ଯ୍ୟ ପରେ ICU ବେଡ ସହ କେତେ ଡାକ୍ତର ସଂଖ୍ୟା ବଢେଇବା ପାଇଁ ସରକାର ଚିନ୍ତା କରିଛନ୍ତି, (ଖ) କଟକ ମହାନଗର ନିଗମ ଅଞ୍ଚଳରେ କେଉଁ ସରକାରୀ ଡାକ୍ତରଖାନାରେ ମଞ୍ଜୁରୀପ୍ରାପ୍ତ ବିଶେଷଜ୍ଞ ଡାକ୍ତର ଓ ଅନ୍ୟ ବର୍ଗର ପଦବୀରୁ କେତେ ପଦବୀ ଖାଲିଅଛି ତାହାର ଡାକ୍ତରଖାନାୱାରୀ ତାଲିକା ଦର୍ଶାଇ ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

**ଡ଼େଙ୍ଗୁ ସଂକ୍ରମଣ ରୋକିବାକୁ ପଦକ୍ଷେପ**

476 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତବର୍ଷ କେଉଁ ଜିଲ୍ଲାରେ କେତେଜଣ ଡେଙ୍ଗୁ ସଂକ୍ରମିତ ହୋଇଛନ୍ତି, ପ୍ରକାଶ କରି ଡେଙ୍ଗୁ ସଂକ୍ରମଣ ରୋକିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ରାତ୍ରିକାଳୀନ ପୋଲିସ ପେଟ୍ରୋଲିଙ୍ଗ ବ୍ୟବସ୍ଥା

477 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଜାତୀୟ ରାଜପଥରେ ଡକାୟତି ରୋକିବାକୁ ରାତ୍ରିକାଳୀନ ପୋଲିସ୍ ପେଟ୍ରୋଲିଙ୍ଗ୍ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଡ଼ାକ୍ତର ଅଭାବରୁ ରୋଗୀସେବା ବାଧାପ୍ରାପ୍ତ

478 **ଶ୍ରୀ ହିମାଂଶୁ ଶେଖର ସାହୁ (ଧର୍ମଶାଳା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧର୍ମଶାଳା CHC ଅଧିନରେ ୧୦ଟି PHC ଅଛି ତନ୍ମଧ୍ୟରୁ ୯ ଟି PHC ରେ ଡ଼ାକ୍ତର ଅଛନ୍ତି ଆଉ ଗୋଟିଏ PHC ରେ ଡ଼ାକ୍ତର ନାହାନ୍ତି ଅବସ୍ଥାପିତ ହୋଇଥିବା ୯ ଜଣ ଡ଼ାକ୍ତରଙ୍କ ମଧ୍ୟରୁ ଅଧିକାଂଶ ସମୟରେ ସେମାନଙ୍କୁ Deputationରେ କାର୍ଯ୍ୟ କରିବାକୁ ଅନ୍ୟତ୍ର ପଠାଯାଉଛି ଯାହାଫଳରେ ରୋଗୀ ସେବାରେ ବ୍ୟାଘାତ ସୃଷ୍ଟି ହେଉଛି, ଏକ୍ଷେତ୍ରରେ ସରକାର ପଦକ୍ଷେପ ନେବେ କି ?

----

## ଉପଯୁକ୍ତ ଚିକିତ୍ସା ପାଇଁ ଡ଼ାକ୍ତର ଏବଂ ପାରାମେଡ଼ିକାଲ ଷ୍ଟାଫ ଅଭାବ

479 **ଶ୍ରୀ ହିମାଂଶୁ ଶେଖର ସାହୁ (ଧର୍ମଶାଳା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ସମସ୍ତ ଡ଼ାକ୍ତରଖାନାରେ ରୋଗୀଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ଆବଶ୍ୟକୀୟ ସଂଖ୍ୟକ ଡ଼ାକ୍ତର ଏବଂ ପାରାମେଡ଼ିକାଲ ଷ୍ଟାଫ ନାହାନ୍ତି, ଏସବୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକୀୟ ଭିତ୍ତିଭୂମିର ଅଭାବ ଯୋଗୁଁ ରୋଗୀ ଚିକିତ୍ସା ବାଧାପ୍ରାପ୍ତ ହେଉଛି, ସରକାର ଏ ଦିଗରେ ପଦକ୍ଷେପ ନେବେ କି ?

----

## ଅଭିଯୋଗ ସୁପାରିଶ ହୋଇ ଅଭିଯୋଗର ସ୍ଥିତି

480 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ତା ୦୧.୦୭.୨୦୨୪ରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଆରମ୍ଭ ହୋଇଥିଲା ବେଳେ ସେଠାକୁ କେତେଜଣ ଅଭିଯୋଗକାରୀ ଉପସ୍ଥିତ ହୋଇ ଅଭିଯୋଗ ପଞ୍ଜିକରଣ କରିଥିଲେ, କେତୋଟି ଅଭିଯୋଗ ଗ୍ରହଣ ହୋଇଥିଲା, ତନ୍ମଧ୍ୟରୁ କେଉଁ ବିଭାଗକୁ କେତେ ଗୋଟି ଅଭିଯୋଗ ସୁପାରିଶ ହୋଇ ଅଭିଯୋଗକାରୀଙ୍କୁ ଅଭିଯୋଗର ସ୍ଥିତି ସମ୍ପର୍କରେ କେଉଁ ମାଧ୍ୟମରେ ଅବଗତ କରାଯାଇଛି ଓ ଅଭିଯୋଗ ଗୁଡ଼ିକ କେତେ ଦିନ ଭିତରେ ସମାଧାନ ହେବ, ଦର୍ଶାଇ ଅଭିଯୋଗ ଗୁଡ଼ିକ ସୁପାରିଶ ଭିତ୍ତିକ ନ ହୋଇ କିପରି ସ୍ୱଳ୍ପ ସମୟସୀମା ମଧ୍ୟରେ ସମାଧାନ ଭିତ୍ତିକ ହେବ ସେଥିପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଖାଲିଥିବା ପଦବୀ ପୂରଣ

481 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଟଣୀ ସହରରେ ଥିବା ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଞ୍ଜୁରୀପ୍ରାପ୍ତ କେଉଁ ବିଭାଗର ବିଶେଷଜ୍ଞ, ଡାକ୍ତର ଓ ଅନ୍ୟ ପାରା ମେଡିକାଲ୍ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ତାହାର ତାଲିକା ଦର୍ଶାଇ ଏହାକୁ ପୂରଣ କରିବା ସହ ଏଠାରେ ଦିବାରାତ୍ର ଚିକିତ୍ସା ସେବା ଯୋଗାଇ ଦେବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## କେନ୍ଦ୍ରାପଡ଼ା ଜିଲ୍ଲାରେ ମେଡ଼ିକାଲ କଲେଜ ପ୍ରତିଷ୍ଠା

482 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) କେନ୍ଦ୍ରାପଡ଼ାରେ ଏକ ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ବିଭିନ୍ନ ରାଜନୈତିକ ଦଳ ଓ ନାଗରିକ ସମାଜ ତରଫରୁ ଆନ୍ଦୋଳନ ହେଉଥିବା ସରକାର ଅବଗତ କି; (ଖ) ଯଦି ହଁ, ଚଳିତ ବର୍ଷ କେନ୍ଦ୍ରାପଡ଼ାରେ ଏକ ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ସରକାର ବିଚାର କରିବେ କି ?

----

## URBAN PHC ସ୍ଥାନରେ URBAN CHC ଖୋଲିବା ପାଇଁ ବିଚାର

483 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ସର୍ବ ପୁରାତନ ମ୍ୟୁନସିପାଲିଟି କେନ୍ଦ୍ରାପଡାରେ Urban CHC ବା ସିଟି ହସ୍ପିଟାଲ ଖୋଲିବା ଦାବିରେ ଦୀର୍ଘ 54 ଦିନ ବ୍ୟାପି ପୌରବାସୀ ଓ ରାଜନୈତିକ ଦଳମାନଙ୍କ ତରଫରୁ ଗଣଧାରଣା ଏବଂ ରାଜ୍ୟପାଳ ମହୋଦୟଙ୍କୁ ସ୍ମାରକପତ୍ର ଦିଆଯାଇଥିବା ସରକାର ଅବଗତ କି, ଯଦି ହଁ, ତେବେ ପୌରବାସୀଙ୍କ କଲ୍ୟାଣ ଦୃଷ୍ଟିରୁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ Urban PHC ସ୍ଥାନରେ Urban CHC ଖୋଲିବା ପାଇଁ ସରକାର ବିଚାର କରିବେ କି ?

----

## ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା

484 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଆମ ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା , ରାଜ୍ୟ କିମ୍ବା ସ୍ୱତନ୍ତ୍ର ଅନୁଦାନ ଆଣି ରାଜ୍ୟକୁ ବିକାଶ କରିବା ପାଇଁ ସରକାରଙ୍କର ଦୃଷ୍ଟିଭଙ୍ଗି କଣ ?

----

## ମାଓବାଦୀ କାର୍ଯ୍ୟକାରୀତା ଓ ତାଙ୍କର ଗତିବିଧି

485 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଆମ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ମାଓବାଦୀଙ୍କ କାର୍ଯ୍ୟକଳାପ ଏବଂ ଗତିବିଧି ଚାଲୁ ରହିଛି, ସେ ଅଞ୍ଚଳରେ ଶାନ୍ତି ଫେରେଇ ଆଣିବା ପାଇଁ ସରକାର କଣ ପଦକ୍ଷେପ ନେଉଛନ୍ତି ?

----

## ସରକାରୀ କାର୍ଯ୍ୟାଳୟରେ ବିଳାସପୂର୍ଣ୍ଣ ଖର୍ଚ୍ଚ ପରିହାର

486 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଆର୍ଥିକ ପରିଚାଳନା ସୁସଂହତ ସହ ସରକାରୀ କାର୍ଯ୍ୟାଳୟରେ ବିଳାସପୂର୍ଣ୍ଣ ଖର୍ଚ୍ଚ ପରିହାର କରି ମିତବ୍ୟୟିତା ଅବଲମ୍ବନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଭଦ୍ରକ ଜିଲ୍ଲାରେ ସରକାରୀ ମେଡିକାଲ କଲେଜ ସ୍ଥାପନ

487 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭଦ୍ରକ ଜିଲ୍ଲାରେ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଜିଲ୍ଲାବାସୀ କ୍ରମାଗତ ଦାବି କରିଆସୁଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, ଉତ୍ତର ହଁ ହେଲେ ଏହା ପ୍ରତିଷ୍ଠା ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଆଉଟସୋର୍ସିଂ କର୍ମଚାରୀ ମାନଙ୍କୁ E.S.I ଓ E.P.F ମଞ୍ଜୁରୀ

488 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜ ଓ ହସ୍ପିଟାଲରେ କେଉଁ ଆଉଟସୋର୍ସିଂ ସଂସ୍ଥା ମାଧ୍ୟମରେ ବିଗତ ପାଞ୍ଚବର୍ଷରେ କେଉଁ କେଉଁ କର୍ମଚାରୀଙ୍କୁ କେତେ ବେତନରେ ନିୟୋଜିତ କରାଯାଇଛି, ନିୟୋଜିତଙ୍କ ମଧ୍ୟରୁ କେତେଜଣଙ୍କୁ ଶ୍ରମ ବିଭାଗ ମାର୍ଗଦର୍ଶିକା ଅନୁଯାୟୀ ଇ.ଏସ୍.ଆଇ., ଇ.ପି.ଏଫ୍ ସୁବିଧା ପ୍ରଦାନ କରାଯାଇଛି, ତାହାର ତାଲିକା ପ୍ରଦାନ କରିବେ କି ?

----

## ଅବସର ସରକାରୀ କର୍ମଚାରୀ ମାନଙ୍କୁ ସ୍ୱାସ୍ଥ୍ୟ ବୀମା କରିବା

489 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କୁ ସେମାନେ ପେନସନ୍ ଗ୍ରହଣ କରୁଥିବା ବ୍ୟାଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟ ବୀମାଭୁକ୍ତ କରିବାକୁ ସରକରାଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଆନ୍ଧ୍ର ଅନୁପ୍ରବେଶକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

490 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ବିଭିନ୍ନ ସମୟରେ ଆନ୍ଧ୍ରର ଆଧିକାରୀ ମାନେ ଅନୁପ୍ରବେଶ କରି ଆସୁଛନ୍ତି ଏଦିଗରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଅଛି ଓ କାହା କାହା ବିରୁଦ୍ଧରେ କେଶ ରୁଜୁ କରାଯାଇ ଅଛି ?

----

## PHC କୁ Area Hospital ରେ ପରିଣତ

491 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଙ୍କି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଳାପଥର PHC ଭୌଗଳିକ ଦୃଷ୍ଟି କୋଣରୁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଏହା 3 ଟି ଜିଲ୍ଲାର ସଂଗମ ସ୍ଥଳ, 3 ଟି ଜିଲ୍ଲାର ରୋଗୀ ମାନେ ଉକ୍ତ PHC ଉପରେ ନିର୍ଭର କରୁଛନ୍ତି ତେଣୁ ରୋଗୀ ମାନଙ୍କର ସୁବିଧା ପାଇଁ ଏବଂ ଲୋକମାନଙ୍କର ଦାବୀ ଅନୁସାରେ ଏହାକୁ PHC ରୁ Area Hospital କୁ up-gradation କରିବା ସହିତ ଏହାର ଡାକ୍ତର ଏବଂ ଅନ୍ୟାନ୍ୟ ପଦବୀ ସଂଖ୍ୟା ବୃଦ୍ଧି କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ମାନସିକ ରୋଗୀ ମାନଙ୍କୁ ସ୍ୱତନ୍ତ୍ର Counter ରେ ଔଷଧ ଦେବା ବ୍ୟବସ୍ଥା

492 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ବର୍ତ୍ତମାନ ମାନସିକ (Psychiatry) ରୋଗୀଙ୍କ ସଂଖ୍ୟା ଦୃତଗତିରେ ବଢୁଥିବା ତଥ୍ୟ ସରକାର ଜାଣନ୍ତି କି, ଉତ୍ତର 'ହଁ' ହେଲେ ସେମାନଙ୍କ ସରକାରୀ ସୁବିଧା ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି କିମ୍ୱା ନେବାକୁ ଯାଉଛନ୍ତି ଜଣାଇବେ କି, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ OXCARBAZEPINE -300 mg, TOPIRAMATE-100 mg. ଏବଂ Risperidone-2 mg. ପୂର୍ବରୁ ମିଳୁଥିଲା କିନ୍ତୁ ବର୍ତ୍ତମାନ ମିଳୁନଥିବାର କାରଣ କ'ଣ ଜଣାଇବା ସହ ମାନସିକ ରୋଗୀମାନେ ଯେଭଳି ସୁବିଧାରେ ସ୍ୱତନ୍ତ୍ର Counter ରେ ଔଷଧ ପାଇପାରିବେ ସେଥିପ୍ରତି ସରକାର ଦୃଷ୍ଟି ଦେବେ କି ?

----

## ଅର୍ଥ ବିଭାଗ ଦ୍ୱାରା ସ୍ୱଚ୍ଛ ଓ ନିରପକ୍ଷ ନିଲାମ ଆହ୍ୱାନ

493 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- (କ) ବାହ୍ୟ ଶ୍ରମ ନିୟୋଜନକାରୀ ସଂସ୍ଥା ଓ ସୁରକ୍ଷା ପ୍ରଦାନକାରୀ ସଂସ୍ଥା ମାନଙ୍କ ଦ୍ୱାରା ଶ୍ରମିକ ମାନଙ୍କୁ ଶୋଷଣ କରାନଯିବା ନିମନ୍ତେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗଙ୍କ ଦ୍ୱାରା ସେବା ପ୍ରଦାନକାରୀ ସଂସ୍ଥା ମାନଙ୍କ ନିମନ୍ତେ ସର୍ବନିମ୍ନ ସେବାଦେୟ (Service Charge) ସ୍ଥିର କରାଯାଇଅଛି କି ; ଯଦି ହଁ (ଖ) ତେବେ ସରକାରଙ୍କ ସମସ୍ତ ବିଭାଗ ମାନଙ୍କୁ ଉପରୋକ୍ତ ଶ୍ରମ ସେବା ଯୋଗାଇଦେବା ନିମନ୍ତେ ଅର୍ଥ ବିଭାଗ ଦ୍ୱାରା ସ୍ୱଚ୍ଛ ଓ ନିରପକ୍ଷ ନିଲାମ ଆହ୍ୱାନ ନିମନ୍ତେ ନମୁନା ନିଲାମ ଆହ୍ୱାନ ଫର୍ଦ୍ଦ ପ୍ରସ୍ତୁତ କରାଯାଇଅଛି କି ?

----

## NHM ବାହ୍ୟ ଶ୍ରମ ନିୟୋଜନ ନିମନ୍ତେ ନିଲାମ ପ୍ରକ୍ରିୟା

494 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- "NHM" ସମସ୍ତ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ନିମନ୍ତେ ବାହ୍ୟ ଶ୍ରମ ନିୟୋଜନ ସେବା ପ୍ରଦାନ ପାଇଁ ଆହ୍ୱାନ କରାଯାଇଥିବା ନିଲାମ ପ୍ରକ୍ରିୟା ଫର୍ଦ୍ଦର ପ୍ରସ୍ତୁତ ପ୍ରଣାଳୀ ଓ ଯୋଗ୍ୟ ଓ ସର୍ବନିମ୍ନ ନିଲାମଧାରୀ ଚୟନ ପ୍ରଣାଳୀ ଏକକ ନିଲାମ ନିୟମଭୁକ୍ତ ଅଟେ କି, ନିଲାମ ପ୍ରକ୍ରିୟା ଅନୁଯାୟୀ ସର୍ବନିମ୍ନ ଯୋଗ୍ୟତା ଥିବା ନିଲାମ ଡକାଳି ଚୟନ ପର ଅନୁଚ୍ଛେଦ ଗୁଡିକରେ ହାରାହାରି ବାର୍ଷିକ କାରବାର, ଦକ୍ଷତା ଇତ୍ୟାଦି ନିମନ୍ତେ ପ୍ରାପ୍ତ ଅଙ୍କ (Score) ଏକକ ନିଲାମ ନିୟମଭୁକ୍ତ ଅଟେ କି, ଯଦି 'ହଁ' ତେବେ ତାହା ଅନ୍ୟ ବିଭାଗ କିମ୍ବା OPWD ନିୟମଭୁକ୍ତ ଅଟେ, ତାହା ପ୍ରଦାନ କରିବେ କି, ଯଦି 'ନାଁ' ତେବେ ଏଭଳି ପକ୍ଷପାତିତା ନିଲାମ ନିୟମ ପ୍ରସ୍ତୁତି ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ କି, ପରବର୍ତ୍ତୀ ନିଲାମ ପ୍ରକ୍ରିୟା ସ୍ୱଚ୍ଛ ଓ ନିରପେକ୍ଷ ନିମନ୍ତେ ପ୍ରସ୍ତୁତ କରାଯିବ କି ?

----

## ଋଣଭାର କମ୍ କରିବା ପାଇଁ ପଦକ୍ଷେପ

495 **ଶ୍ରୀ ରମେଶ ଚନ୍ଦ୍ର ବେହେରା(ଦଶପଲ୍ଲା) ଃ**
**ଶ୍ରୀ ତାରା ପ୍ରସାଦ ବାହିନୀପତି(ଜୟପୁର) ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ-ଏବେ ରାଜ୍ୟରେ ମୁଣ୍ଡପିଛା ଋଣଭାର କେତେ ଓ ଜାତୀୟ ଋଣଭାର କେତେ ବିଗତ ଦଶବର୍ଷର ଏକ ତୁଳନାତ୍ମକ ତଥ୍ୟ ପ୍ରଦାନ କରିବେ କି ; ରାଜ୍ୟର ଋଣଭାର କମ୍ କରିବା ପାଇଁ ସରକାର କି କି ପଦକ୍ଷେପମାନ ନେବା ପାଇଁ ସ୍ଥିର କରିଛନ୍ତି?

----

## ବଲାଙ୍ଗୀର ଜିଲ୍ଲାରେ କମ୍ପ୍ୟୁଟର ମାଧ୍ୟମରେ ନଥି ଉପସ୍ଥାପନ

496 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି)ଃ**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଲାଙ୍ଗୀର ଜିଲ୍ଲାରେ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ଓସ୍ୱାସ ଅଥବା କମ୍ପ୍ୟୁଟର ମାଧ୍ୟମରେ ସରକାରୀ ନଥି ଉପସ୍ଥାପନ ପୂର୍ବକ କାଗଜ ବ୍ୟବହାର ହ୍ରାସ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର 'ହଁ' ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ

497 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ବିଭାଗର କେଉଁ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରାଧିନ ଅଛି ସେମାନଙ୍କ ଅବସର ଗ୍ରହଣର ବର୍ଷକ ପୂର୍ବରୁ ସେମାନଙ୍କ ବିରୁଦ୍ଧରେ ଥିବା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପୂର୍ଣ୍ଣାଙ୍ଗ କରି ସେମାନଙ୍କ ଅବସରକାଳୀନ ପ୍ରାପ୍ୟ ପ୍ରଦାନରେ ସହଯୋଗ ନିମନ୍ତେ ସରକାର ବ୍ୟବସ୍ଥା କରିବେ କି?

----

## ପେନସନ୍ ମଞ୍ଜୁରୀ ପ୍ରସ୍ତାବ ସମ୍ପର୍କରେ

498 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ତା.01.03.2024ରିଖ ପୂର୍ବରୁ ଅବସର ନେଇଥିବା କେଉଁ ବିଭାଗ ଅଧିନସ୍ଥ କେଉଁ ସରକାରୀ କର୍ମଚାରୀ, ଶିକ୍ଷକ, ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଅଧ୍ୟାପକ, ଶିକ୍ଷକ ଓ କର୍ମଚାରୀଙ୍କ ପେନସନ୍ ମଞ୍ଜୁରୀ ପ୍ରସ୍ତାବ କେଉଁଠାରେ ଅଟକିଛି, ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ସମସ୍ତ ପେନସନ୍ ମଞ୍ଜୁର ପ୍ରସ୍ତାବ ଗୁଡିକ ଅନୁଷ୍ଠାନ ମାଧ୍ୟମରେ କଣ୍ଟ୍ରୋଲର ଅଫ୍ ଆକାଉଣ୍ଟସ୍ ଓ ଏ.ଜି. ଓଡିଶାଙ୍କୁ ସୁପାରିଶ କରି ପେନସନ୍ ପ୍ରଦାନ ସୁଗମ କରିବାକୁ ସରକାର ବ୍ୟବସ୍ଥା କରିବେ କି ; ଏବଂ (ଖ) ପେନସନ୍ ମଞ୍ଜୁରୀରେ ଅହେତୁକ ବିଳମ୍ବ କରୁଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ?

----

## କଣ୍ଟାବାଞ୍ଜି ସହରରେ ଚିକିତ୍ସାଳୟ ପ୍ରତିଷ୍ଠା

499 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଣ୍ଟାବାଞ୍ଜି ସହରରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍ କାର୍ଯ୍ୟକ୍ରମରେ ଏକ ସରକାରୀ ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର 'ହଁ' ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ଡେଙ୍ଗୁ ରୋଗର ନିରାକରଣ

500 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ପାଣିପାଗର ପରିବର୍ତ୍ତନ ହେତୁ ବର୍ତ୍ତମାନ ଡେଙ୍ଗୁ ରୋଗ ବ୍ୟାପୁଅଛି ; ଏହାର ନିରାକରଣ ପାଇଁ ସରକାର କି କି ପଦକ୍ଷେପ ନେଉଛନ୍ତି ତାହାର ସବିଶେଷ ବିବରଣୀ ଜଣାଇବା ସହ ପ୍ରତ୍ୟେକ ଡେଙ୍ଗୁ ରୋଗ ରୋକିବା ପାଇଁ ସରକାରଙ୍କ ତରଫରୁ ମଶାରୀ ବଣ୍ଟନ, ଲୋକମାନଙ୍କୁ ସଚେତନତା ଓ ମାଗଣା ଚିକିତ୍ସା ପାଇଁ କ'ଣ ପଦକ୍ଷେପ ନିଆଯାଉଛି ଜଣାଇବେ କି ?

----

## Mother & Child Health Care Center ର ସଂଖ୍ୟା

501 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାର କେଉଁ ଜିଲ୍ଲାରେ କେତୋଟି Mother & Child Health Care Center କେଉଁଠାରେ ଖୋଲିଛନ୍ତି ଜଣାଇବା ସହ ଆଠଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତିଗିରିଆ ଠାରେ ଖୋଲାଯାଇଥିବା ଚିକିତ୍ସାଳୟରେ କେତେଜଣ କେଉଁ କର୍ମଚାରୀ ନିଯୁକ୍ତି ହେବା କଥା ଏବଂ କେତେ ଜଣ ଅଛନ୍ତି ଜଣାଇବେ କି ; ଏହା ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକାରୀ କରିବା ପାଇଁ ବିଭାଗ ପକ୍ଷରୁ କି କି ପଦକ୍ଷେପ ନିଆଯାଇଛି ପ୍ରକାଶ କରିବେ କି ?

----

## ପ୍ରାର୍ଥୀମାନଙ୍କ ନାମରେ ଥିବା ମାମଲା

502 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (କ) ଗତ ସାଧାରଣ ନିର୍ବାଚନରେ ଅଂଶଗ୍ରହଣ କରିଥିବା କେଉଁ ବିଧାୟକ ଓ ସାଂସଦ ପ୍ରାର୍ଥୀମାନଙ୍କ ନାମରେ କେଉଁ ଥାନାରେ କେତୋଟି ମାମଲା କେଉଁ ସମସ୍ୟା ନେଇ ଓ କେବେଠାରୁ ହୋଇଅଛି ; ସେଥି ମଧ୍ୟରୁ କେଉଁମାନଙ୍କର କେତୋଟିର ବିଚାରାଧିନ ଏବଂ କେତୋଟିର ଫଇସଲା ହୋଇ ସାରିଛି ତାହାର ଜିଲ୍ଲାୱାରୀ ନିର୍ବାଚନ ମଣ୍ଡଳୀୱାରୀ ଏକ ତାଲିକା ପ୍ରଦାନ କରିବେ କି ; (ଖ) ସମ୍ପୃକ୍ତ ମାମଲା ଗୁଡିକ ମଧ୍ୟରୁ କେଉଁ ଥାନା ଗୁଡିକରେ କେଉଁ କେସର Chargesheet ହୋଇଅଛି ଏବଂ କେଉଁ କେସ ଗୁଡିକର କେଉଁ କାରଣ ପାଇଁ ଚାର୍ଜସିଟ୍ ହୋଇନାହିଁ ତାର ସମସ୍ତ ବିବରଣୀ ପ୍ରକାଶ କରିବେ କି ?

----

## Status of the Question Paper leak case

503 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (a) Details the status of the question paper leak case of Junior Engineer (Civil Main) examination conducted by the Odisha Staff Selection Commission and (b) Whether it is a fact that interestingly the solved leaked J.E. (Civil Main) questions and shared answer with job aspirants was traded at exorbitant rates of 10 lakhs and above; if so the details of aspirants who participated in such a deal and the details of associates and their present where abouts and the pertaining to fate of the case be known to the house ?

----

## ଦ୍ୱିତୀୟ AIIMS ପ୍ରତିଷ୍ଠା ପାଇଁ ପ୍ରସ୍ତାବ

504 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) ରାଜ୍ୟରେ କେଉଁଠାରେ ଦ୍ୱିତୀୟ AIIMS ପ୍ରତିଷ୍ଠା ପାଇଁ କେନ୍ଦ୍ରଠାରେ ରାଜ୍ୟସରକାର ପ୍ରସ୍ତାବ ରଖିଛନ୍ତି ତାହା ପ୍ରକାଶ କରିବେ କି ; (ଖ) ରାଜ୍ୟରେ ଦ୍ୱିତୀୟ AIIMS ସୁନ୍ଦରଗଡ ଠାରେ ସ୍ଥାପନ କରିବା ପାଇଁ 2020 ମସିହାରେ ତତ୍କାଳୀନ ରାଜ୍ୟ ସରକାର ପ୍ରସ୍ତାବ ଓ ପରବର୍ତ୍ତୀ 2021 ଏପ୍ରିଲ 3 ରେ କେନ୍ଦ୍ରୀୟ ବୈଷୟିକ ଅନୁଧ୍ୟାନ ଦଳର ଅନୁଧ୍ୟାନ ରିପୋର୍ଟ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପ୍ରକାଶ କରିବା କଥା ସରକାର ଜାଣି ମଧ୍ୟ ଆଉ ଏକ ନୂତନ ପ୍ରସ୍ତାବ ରଖିବାର କାରଣ କ'ଣ ଜଣାଇବେ କି ?

----

## ଉପଖଣ୍ଡ ଗଠନ

505 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ)ː**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː-ː- କୋରାପୁଟ ଜିଲ୍ଲାର ସେମିଳିଗୁଡାରେ ଉପଖଣ୍ଡ ଗଠନ ପାଇଁ ବହୁଦିନ ହେଲା ଦାବି ରହି ଆସୁଅଛି, ଏଦିଗରେ ସରକାର କି କି ପଦକ୍ଷେପ ଗ୍ରହଣ କରିଅଛନ୍ତି ?

----

## ସେମିଳିଗୁଡାଠାରେ ସଫ୍ଟୱାର ପାର୍କ ଖୋଲିବା ପାଇଁ ପଦକ୍ଷେପ

506 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ)ː**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) ଜୟପୁରଠାରେ ଥିବା ସଫ୍ଟୱାର ଟେକ୍ନୋଲୋଜି ପାର୍କର କାର୍ଯ୍ୟ କଳାପ ଓ ଗତି ବିଧିର ସୂଚନା ପ୍ରଦାନ କରିବେ କି ଓ କେଉଁ ପ୍ରକାରର କେଉଁ ରୋଜଗାର ସୃଷ୍ଟି କରାଯାଇ ପାରିଛି, ଏବଂ ସୁନାବେଡା, ସିମିଳିଗୁଡା ଓ ଦାମନଯୋଡିର ମାନବ ସମ୍ବଳ ଅଗ୍ରଗତିର ଦୃଷ୍ଟିକୁ ରଖି ସେମିଳିଗୁଡାଠାରେ ଏକ ସଫ୍ଟୱାର ପାର୍କ ଖୋଲିବା ପାଇଁ ପଦକ୍ଷେପ ନେବେ କି ?

----

## ଉପଖଣ୍ଡ ସ୍ୱାସ୍ଥ୍ୟ ବିଭାଗ ମାନ୍ୟତା

507 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ)ː**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- କୋରାପୁଟ ଜିଲ୍ଲାର ସୁନାବେଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉପଖଣ୍ଡ ସ୍ୱାସ୍ଥ୍ୟ ବିଭାଗ ମାନ୍ୟତା ଦେବା ଦିଗରେ କ'ଣ ପଦକ୍ଷେପ ନିଆଯାଉଅଛି ?

----

## କାର୍ଯ୍ୟରତ ନନ୍ ବେକିଙ୍ଗ ସଂସ୍ଥା ଗୁ଼ିଡିକର ବିବରଣୀ

508 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ)ː**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː-ː- କୋରାପୁଟ ଜିଲ୍ଲାର କାର୍ଯ୍ୟରତ ନନ୍ ବେକିଙ୍ଗ ସଂସ୍ଥା ଗୁ଼ିଡିକର ବିବରଣୀ ପ୍ରଦାନ କରିବେ କି, ବିଗତ 3ଟା ଆର୍ଥିକ ବର୍ଷରେ କେତେ ଋଣ ପ୍ରଦାନ କରିଛନ୍ତି ଓ ଅନୁମୋଦିତ ସୁଧହାରର ବିବରଣୀ ପ୍ରଦାନ କରିବେ କି ?

----

## ଫାଣ୍ଡିକୁ ଥାନାରେ ପରିଣତ ପାଇଁ ପ୍ରସ୍ତାବ

509 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (କ) ପଟାଙ୍ଗି ନିର୍ବାଚନ ମଣ୍ଡଳୀର ଦୁର୍ଗମ ଅଞ୍ଚଳର କେତୋଟି ଫାଣ୍ଡି, ତାକୁ ଥାନାରେ ପରିଣତ କରିବାର ପ୍ରସ୍ତାବ ଅଛି କି, (ଖ) ପଟାଙ୍ଗି ନିର୍ବାଚନ ମଣ୍ଡଳୀର ସମ୍ବେଦନଶିଳ ଥାନା ଗୁଡିକର କେତେ ଜଣ ଲେଖାଏଁ କର୍ମଚାରୀ ନାହାନ୍ତି ଓ ସେମାନଙ୍କୁ କେବେ ସୁଦ୍ଧା ପୂରଣ କରିବେ କହିବେ କି ?

----

## Criteria for setting up urban CHC

510 **ଶ୍ରୀ ଗଣେଶ୍ବର ବେହେରା (କେନ୍ଦ୍ରାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (a) What are the Criteria for setting up of Urban CHC, (b) will the Government consider upgradation of Kendrapara Urban PHC to Urban CHC in view of Continuing public agitations ?

----

## Step to fill up vacancies

511 **ଶ୍ରୀ ଗଣେଶ୍ବର ବେହେରା (କେନ୍ଦ୍ରାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (a) what are the details of vacancies in different teaching posts in different medical colleges of the State Medical College & department wise, (b) what steps are being taken to fill up these vacancies ?

----

## Details of Central Transfer

512 **ଶ୍ରୀ ଗଣେଶ୍ବର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (a) Is it a fact that the Central transfer of funds to Odisha has been declining since 2019-20 to 2023-24, (b) if so, the details of such transfers thereof ?

----

## Total no. of vacancies in doctor posts

513 **ଶ୍ରୀ ଗଣେଶ୍ବର ବେହେରା (କେନ୍ଦ୍ରାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- what is the total no. of vacancies in doctor posts in different govt. hospitals and DHH Kendrapara, what steps are being taken to fill up those vacancies ?

----

## ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ସାମିଲ

514 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (କ) ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଡିଆପଡା ଓ ନରସିଂହପୁର ଗ୍ରାମ ପଞ୍ଚାୟତ ତରଫରୁ ଏହି ଦୁଇ ପଞ୍ଚାୟତକୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରୁ ବାଦ ଦେଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ସାମିଲ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆବେଦନ କରିଥିବା ଅବଗତ କି, ଯଦି ହଁ, ଏହି ଆବେଦନର ସୁବିଚାର କରିବେ କି ?

----

## Software ରପ୍ତାନୀ ପାଇଁ ପ୍ରସ୍ତାବ

515 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରୁ Software ରପ୍ତାନୀ କେବେଠାରୁ ଆରମ୍ଭ ହେଲାଣି ଓ ଏଯାଏଁ ପ୍ରତିବର୍ଷ କେତେ Software ରପ୍ତାନୀ ହୋଇଛି, ଏ କ୍ଷେତ୍ରରେ ଜାତୀୟସ୍ତରରେ ଓଡିଶାର ସ୍ଥାନ କେତେ ଏବଂ ଚଳିତ ଆର୍ଥିକ ବର୍ଷରେ କେତେ Software ରପ୍ତାନୀ ପାଇଁ ପ୍ରସ୍ତାବ ରହିଛି କି ?

----

## ଓଡିଶାର ସ୍ୱାସ୍ଥ୍ୟ ସ୍ଥିତି

516 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗତ ଜାତୀୟ ସ୍ୱାସ୍ଥ୍ୟ ପରିବାର ସର୍ଭେରେ ଓଡିଶା ସଂପର୍କରେ କି ଚିତ୍ର ପ୍ରଦାନ କରାଯାଇଛି ଓ ତା ଉପରେ ରାଜ୍ୟରେ କି ପଦକ୍ଷେପ ନିଆଯାଇଛି ?

----

## ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ସମ୍ପର୍କରେ

517 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାରକୁ ସରକାର ଗୁରୁତ୍ୱ ଦେଉଛନ୍ତି କି ଓ ସାଧାରଣ ଲୋକ ଏହାକୁ କେତେ ଦୂର ପସନ୍ଦ କରୁଛନ୍ତି, ଗତ ତିନି ବର୍ଷରେ ପ୍ରତି ବର୍ଷ କେତେ ଅସ୍ତ୍ରୋପଚାର ହୋଇଛି ଓ ତନ୍ମଧ୍ୟରେ ପୁରୁଷ ଓ ମହିଳା ସଂଖ୍ୟା କେତେ ଏବଂ ଅସ୍ତ୍ରୋପଚାର ପାଇଁ ସରକାର କି ପ୍ରୋତ୍ସାହନ ଦେଉଛନ୍ତି ?

----

## ରାଜ୍ୟର ଜନ୍ମହାର ଓ ମୃତ୍ୟୁହାର ମଧ୍ୟରେ ତାରତମ୍ୟ

518 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାର ଜନ୍ମହାର କମୁଛି ନା ବଢୁଛି ଏବଂ ତାହା ଏବେ କେତେ, ରାଜ୍ୟରେ ହାରାହାରି ଗର୍ଭଧାରଣ ହାର ଜାତୀୟସ୍ତର ଠାରୁ ଓ ଅନ୍ୟ ରାଜ୍ୟମାନଙ୍କ ଠାରୁ କେତେ ଭିନ୍ନ ଏବଂ ରାଜ୍ୟର ଜନ୍ମହାର ଓ ମୃତ୍ୟୁହାର ମଧ୍ୟରେ ତାରତମ୍ୟ କେତେ ରହିଛି, ରାଜ୍ୟର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଏବଂ ଜିଲ୍ଲାୱାରୀ ତଥ୍ୟ ଦେବେ କି ?

----

## ରାଜ୍ୟର ଋଣଭାର ସଂପର୍କରେ

519 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଓଡିଶାରେ ଏବେ ଋଣଭାର କେତେ ଓ ବିଭିନ୍ନ ରାଜ୍ୟର ଋଣ କ୍ଷେତ୍ରରେ ଓଡିଶାର ସ୍ଥାନ କେଉଁଠାରେ ରହିଛି, ଓଡିଶା କେଉଁ କେଉଁ ବର୍ଷ ଋଣଭାର କମାଇଛି କି ଓ ଚଳିତ ଆର୍ଥିକ ବର୍ଷରେ ଅନୁରୂପ ପ୍ରସ୍ତାବ ରହିଛି କି, ଉତ୍ତର 'ହଁ' ହୋଇଥିଲେ ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## ଡାକ୍ତର ପଦବୀ ପୂରଣ

520 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କେଉଁ ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସରକାରୀ ମେଡିକାଲରେ ମଂଜୁରୀପ୍ରାପ୍ତ ବିଶେଷଜ୍ଞ ଓ ଡାକ୍ତର ପଦବୀରୁ କେତେ ପଦବୀ ଖାଲିଅଛି ଏହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ହୃଦରୋଗ ଚିକିତ୍ସା ପାଇଁ ପଦକ୍ଷେପ

521 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେବିକେ ଅନ୍ତର୍ଭୁକ୍ତ କେଉଁ ଜିଲ୍ଲାରେ ବିଗତ ପାଞ୍ଚ ବର୍ଷରେ କେତେଜଣ ହୃଦରୋଗରେ ଆକ୍ରାନ୍ତ ହୋଇଥିବାବେଳେ ତନ୍ମଧ୍ୟରୁ କେତେଜଣ ମୃତ୍ୟୁବରଣ କରିଛନ୍ତି, ବଲାଙ୍ଗୀରସ୍ଥିତ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ସମେତ କେବିକେର ପ୍ରତ୍ୟେକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ହୃଦରୋଗ ଚିକିତ୍ସା ବ୍ୟବସ୍ଥା ସଂପାଦନ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ପତ୍ର ଉପରେ କାର୍ଯ୍ୟାନୁଷ୍ଠାନ

522 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୁଖ୍ୟ ମନ୍ତ୍ରୀଙ୍କ ସହ ବିରୋଧିଦଳ ନେତା, ବାଚସ୍ପତି, ବିଭିନ୍ନ ମନ୍ତ୍ରୀଙ୍କ ନିକଟକୁ ଇ ମେଲ ଯୋଗେ ଆସୁଥିବା ଚିଠିଗୁଡିକୁ ତତ୍କାଳ ଅନୁଧ୍ୟାନ କରି ତାହା ଉପରେ ପଦକ୍ଷେପ ନେବାକୁ ତା. 12.6.2024ରୁ ଅଦ୍ୟାବଧି ମୁଖ୍ୟମନ୍ତ୍ରୀଙ୍କୁ ସହ ବିରୋଧିଦଳ ନେତା, ବାଚସ୍ପତିଙ୍କ , ବିଭିନ୍ନ ମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ କେଉଁ ମାନ୍ୟବର ବିଧାୟକ ଓ ପୂର୍ବତନ ବିଧାୟକ କେତେ ତାରିଖରେ ଡାକଯୋଗେ, ଇମେଲ ଯୋଗେ ପତ୍ର ପ୍ରଦାନ କରିଛନ୍ତି ଓ ତାଙ୍କ ପତ୍ର ଉପରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ?

----

## ସୂଚନା ପ୍ରଯୁକ୍ତି ପାର୍କ ପ୍ରତିଷ୍ଠା ପାଇଁ ପଦକ୍ଷେପ

523 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାରେ ସୂଚନା ପ୍ରଯୁକ୍ତି ପାର୍କ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଏମଆରଆଇ ବ୍ୟବସ୍ଥା ପ୍ରବର୍ତ୍ତନ ପାଇଁ ପଦକ୍ଷେପ

524 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ହେବା ଦିନ ଠାରୁ କେତେଜଣ ରୋଗୀଙ୍କୁ ଏମଆରଆଇ ପାଇଁ ଅନ୍ୟ ହସ୍ପିଟାଲକୁ ରେଫର କରାଯାଇଛି ପ୍ରକାଶ କରି ଏଠାରେ ଏମଆରଆଇ ବ୍ୟବସ୍ଥା ପ୍ରବର୍ତ୍ତନ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ବିଧାୟକଙ୍କ ପତ୍ର ଉପରେ କାର୍ଯ୍ୟାନୁଷ୍ଠାନ

525 **ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୂତନ ସରକାର ଗଠନ ପରେ କେଉଁ କେଉଁ ମାନ୍ୟବର ବିଧାୟକ ଓ ପୂର୍ବତନ ବିଧାୟକ କେତେ ତାରିଖରେ ବିଭିନ୍ନ ସମସ୍ୟାମୂଳକ ପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ବିଭିନ୍ନ ମନ୍ତ୍ରୀ, ସଚିବ ଓ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି, ସେମାନଙ୍କ ପତ୍ର ଉପରେ କି ପଦକ୍ଷେପ ନିଆଯାଇଅଛି, ମାନ୍ୟବର ବିଧାୟକମାନଙ୍କ ପତ୍ର ଉପରେ ବ୍ଲୁକ ସର୍କୁଲାର ୪୭ ଆଧାରରେ କାର୍ଯ୍ୟାନୁଷ୍ଠାନ ବିବରଣୀ ପ୍ରଦାନ ସହ ପୂର୍ବତନ ବିଧାୟକମାନଙ୍କୁ ଏହି ସୁବିଧା ପ୍ରଦାନ ପାଇଁ ବ୍ୟବସ୍ଥା କରିବେ କି ?

----

## ସରକାରୀ ୱେବ ସାଇଟ ଅଧୁନାତନ ପାଇଁ ପଦକ୍ଷେପ

526 **ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶା ସରକାରଙ୍କ ମାନ୍ୟବର ମୁଖ୍ୟ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ କେଉଁ ମାନ୍ୟବର ମନ୍ତ୍ରୀ, ବିଭାଗ, ନିର୍ଦ୍ଦେଶାଳୟ ଓ କ୍ଷେତ୍ର କାର୍ଯ୍ୟାଳୟର ସରକାରୀ ୱେବ୍‌ସାଇଟ୍ ଅଧୁନାତନ ହୋଇନାହିଁ ପ୍ରକାଶ କରି ତାହାକୁ କେତେଦିନ ଭିତରେ ଅଧୁନାତନ କରାଯିବ, ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟର ସରକାରୀ ୱେବ୍‌ସାଇଟ୍‌କୁ ଅପ୍‌ଟୁଡେଟ୍ କରି ତାହାକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସରକାରୀ ୱେବ୍‌ସାଇଟ୍‌ରେ ସ୍ଥାନିତ ପାଇଁ ବ୍ୟବସ୍ଥା କରିବେ କି ?

----

## ସରକାରୀ ବାସ ଗୃହ ଯୋଗାଣ

527 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା ଜିଲ୍ଲାର କେଉଁ ଥାନାରେ କେତେଜଣ ଅଧିକାରୀ ଓ କର୍ମଚାରୀ ଥିଲାବେଳେ ତନ୍ମଧ୍ୟରୁ କେତେଜଣଙ୍କ ପାଇଁ ସରକାରୀ ବାସଗୃହ ବ୍ୟବସ୍ଥା ହୋଇନାହିଁ, ସମସ୍ତ ଥାନା କର୍ମଚାରୀଙ୍କ ପାଇଁ ସରକାରୀ ବାସଗୃହ ସୁବ୍ୟବସ୍ଥିତ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ପଦବୀ ପୂରଣ ପାଇଁ ପଦକ୍ଷେପ

528 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା ଜିଲ୍ଲାର କେଉଁ ଟ୍ରେଜେରୀରେ ମଞ୍ଜୁରୀପ୍ରାପ୍ତ କେଉଁ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଆଶାକର୍ମୀ ନିୟୋଜନ ପାଇଁ ପଦକ୍ଷେପ

529 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା ଜିଲ୍ଲାର କେଉଁ କେଉଁ ଗ୍ରାମରେ ଅଦ୍ୟାବଧି ଆଶାକର୍ମୀ ନିୟୋଜିତ ହୋଇନାହାଁନ୍ତି,, ପ୍ରକାଶ କରି ପ୍ରତ୍ୟେକ ଗ୍ରାମରେ ଆଶାକର୍ମୀ ନିୟୋଜନ ପାଇଁ ବ୍ୟବସ୍ଥା କରିବେ କି ?

----

## Health Sub-Center ନିର୍ମାଣ ପାଇଁ ପଦକ୍ଷେପ

530 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଳେଶ୍ୱର ବ୍ଲକରେ କେଉଁ ସ୍ଥାନରେ କେଉଁ ଗ୍ରାମ ପଞ୍ଚାୟତରେ ବର୍ତ୍ତମାନ Health Sub-Centre ନିର୍ମାଣ ହୋଇନାହିଁ, ଏହାର କାରଣ କ'ଣ ; କେବେସୁଦ୍ଧା ସବୁ ଗ୍ରାମ ପଞ୍ଚାୟତରେ ଏସବୁର ନିର୍ମାଣ ସମାପ୍ତ ହେବ ଓ ସରକାର ଏଥିଲାଗି ବିଭାଗକୁ କ'ଣ ନିର୍ଦ୍ଦେଶ ଦେବେ ?

----

## ଫାଣ୍ଡିର ଉନ୍ନତି କରଣ

531 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଫାଣ୍ଡିରୁ ଥାନାକୁ ଉନ୍ନତି କରିବାକୁ ସରକାର କେଉଁ ପ୍ରକାର ନୀତି ଅବଲମ୍ବନ କରୁଛନ୍ତି; ରାଇବଣିଆ ଥାନା ଅଧିନସ୍ଥ ପଶ୍ଚିମବଙ୍ଗ ସୀମାଠାରୁ ମାତ୍ର ୧ ୧/୨ କି.ମି. ଦୂରରେ ଅବସ୍ଥିତ କୁଶଗଡ଼ ଫାଣ୍ଡି ( KUSH GARH OUT POST) କୁ ଥାନା ମାନ୍ୟତା ଦେବା ପାଇଁ ସ୍ୱତନ୍ତ୍ର ଭାବରେ ବିଚାର କରାଯିବ କି ?

----

## PHC ଖୋଲିବା ପାଇଁ ପଦକ୍ଷେପ

532 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସରକାରଙ୍କ ନୀତି ଅନୁଯାୟୀ ରାଜ୍ୟରେ କେତେକ ସ୍ଥାନରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନୂଆ( PHC, New) ଖୋଲିଯିବା ଯୋଜନା ଥିଲା ବେଳେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଗଡ଼ସାହି ବାଲିଆପାଳ (GADA-SAHI BALIAPAL) ଠାରେ ନୂଆ ଖୋଲାଯିବା ପ୍ରସ୍ତାବ ଅଛି କି; ଉତ୍ତର 'ହଁ' ହେଲେ କେଉଁ ଭିତ୍ତିକୁ ଆଧାର କରାଯାଇ ଏହି ଗ୍ରାମରେ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯିବ ?

----

## ଡ଼ାକ୍ତର ନିଯୁକ୍ତି ପାଇଁ ପଦକ୍ଷେପ

533 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଳେଶ୍ୱର G.K. Bhattar Hospital ରେ( Urban CHC) Sanctioned Post ଡ଼ାକ୍ତର ଓ ବିଶେଷଜ୍ଞଙ୍କ ସଂଖ୍ୟା ମୋଟ କେତୋଟି; ବର୍ତ୍ତମାନ କାର୍ଯ୍ୟରତ ଡ଼ାକ୍ତର ସଂଖ୍ୟା କେତେ, କେଉଁ ବିଭାଗରେ ଡ଼ାକ୍ତର ନିଯୁକ୍ତି ପାଇନାହାନ୍ତି , ନିଯୁକ୍ତି ସକାଶେ ସରକାରଙ୍କର ତ୍ୱରିତ ପଦକ୍ଷେପ କଣ ହେବ ?

----

## ପୋଲିସ ଫାଣ୍ଡି ପ୍ରତିଷ୍ଠା

534 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଜଳେଶ୍ୱର ଥାନା ଅଧିନସ୍ଥ ୧୪ କି.ମି. ଦୂର ପଶ୍ଚିମବାଡ଼ ( PASCHIM BAD) ଠାରେ ପୋଲିସ ଫାଣ୍ଡି ( Out Post) ପ୍ରତିଷ୍ଠା ସକାଶେ ପ୍ରସ୍ତାବ ବିଚାରାଧୀନ ଅଛି କି; ଉତ୍ତର 'ହଁ' ହେଲେ ସରକାର ଏଥିରେ ମଞ୍ଜୁରୀ ଦେବେ କି ?

----

## ଅଭିଯୋଗ ଶୁଣାଣି ସମ୍ପର୍କରେ

535 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ନୂଆ ସରକାର ଗଠନ ପରେ ଗତ 1 ମାସ ଭିତରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ କେତେ ଅଭିଯୋଗ ଆସିଛି ସେଥିମଧ୍ୟରୁ ଅଭିଯୋଗର ଶୁଣାଣି ଫଇସଲା କେତେ କରାଯାଇଛି ?

----

## ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ପଦକ୍ଷେପ

536 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବା ପାଇଁ ଗୃହ ବିଭାଗ ପକ୍ଷରୁ କେତେ ସଂଖ୍ୟକ ପୁଲିସ ପଦବୀ ମଞ୍ଜୁର ହୋଇଛି, ସେଥିମଧ୍ୟରୁ କେତେ ସଂଖ୍ୟକ ପଦବୀ ଖାଲି ପଡିଛି, ଖାଲି ପଡିଥିବା ପଦବୀ ପୂରଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ସ୍ପଷ୍ଟ କରିବେ କି ?

----

## ସଫେଇ କର୍ମଚାରୀଙ୍କ ପାରିଶ୍ରମିକ ବୃଦ୍ଧି ପାଇଁ ପଦକ୍ଷେପ

537 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଓଡିଶାରେ ପ୍ରତି ଥାନା, ଫାଣ୍ଡି ଓ ପୁଲିସ୍ ପୋଷ୍ଟ ଗୁଡିକୁ ଦିନ ଝାଡୁ (ସଫା) କରିବା ପାଇଁ ମାସିକ ଭତ୍ତା 700/- ଟଙ୍କା ସରକାରଙ୍କ ତରଫରୁ ଦିଆଯାଏ ଯେଉଁମାନେ ସଫା କରନ୍ତି ସେମାନେ ସମାଜର ଅତ୍ୟନ୍ତ ଗରିବ ଓ ବେରୋଜଗାରୀ ମହିଳା ଓ ପୁରୁଷ ଅଟନ୍ତି, ପ୍ରତି ଦିନ ମଜୁରି ହିସାବ କଲେ ମାତ୍ର 23.50/- ପଡେ, ଏହା ଆମ ରାଜ୍ୟର ପୁଲିସ ବିଭାଗ ପ୍ରତି ଅଣଦେଖା ହେଉଛି କି ?

----

## ହାଜତ୍ ମୃତ୍ୟୁ ମାମଲାର ସବିଶେଷ ତଥ୍ୟ ପ୍ରଦାନ

538 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଗତ 10 ବର୍ଷ ମଧ୍ୟରେ ରାଜ୍ୟରେ କେତେ ସଂଖ୍ୟକ ହାଜତ ମୃତ୍ୟୁ ମାମଲା ରଜୁ ହୋଇଛି କେଉଁ କେଉଁ ଥାନାରେ ହାଜତ ମୃତ୍ୟୁ ହୋଇଥିଲା ବର୍ତ୍ତମାନ ଏହାର ସ୍ଥିତି କଣ, ଏହାର ଏକ ବିସ୍ତୃତ ତଥ୍ୟ ପ୍ରଦାନ କରିବେ କି ?

----

## GST ଆୟ ପରିମାଣ

539 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଯାଜପୁର ଜିଲ୍ଲାରେ ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ବିଗତ ତିନି ବର୍ଷରେ କେତେ GST ଆଦାୟ ହୋଇଛି ତାହାର ବିବରଣୀ ପ୍ରଦାନ କରିବେ କି ?

----

## ଅଗ୍ନିସମ କେନ୍ଦ୍ର ପ୍ରତିଷ୍ଠା ପାଇଁ ପଦକ୍ଷେପ

540 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ସର୍ବବୃହତ ବଡଚଣା ବ୍ଲକ ଅଞ୍ଚଳରେ ଦ୍ୱିତୀୟ ଅଗ୍ନୀଶମ କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର 'ହଁ' ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଛି ?

----

## IT Park ନିର୍ମାଣ

541 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଡଚଣା ନିର୍ବାଚନ ମଣ୍ଡଳୀର ଚଣ୍ଡିଖୋଲଠାରେ ସୂଚନା ପ୍ରଯୁକ୍ତି ପାର୍କ (IT Park) ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଏକକ ସେକ୍ସନ ବ୍ୟବସ୍ଥା

542 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ କେଉଁ ବିଭାଗକୁ କମ୍ପୋଜିଟ୍ ବିଭାଗ ଭାବେ ଘୋଷଣା କରାଯାଇ ନିର୍ଦ୍ଦେଶାଳୟଗୁଡିକୁ ବିଭାଗ ସହ ମିଶାଇ ଦିଆଯାଇଛି, ପ୍ରକାଶ କରି ଏହି କମ୍ପୋଜିଟ୍ ବିଭାଗ ଓ ନିର୍ଦ୍ଦେଶାଳୟରେ ଅଲଗା ଅଲଗା କାର୍ଯ୍ୟାଳୟ ପ୍ରତିଷ୍ଠାନ, ଆକାଉଣ୍ଟସ ଓ ଅନ୍ୟ ଉପବିଭାଗ ଅଲଗା ଅଲଗା କାର୍ଯ୍ୟ କରୁଥିବା ହେତୁ ମାନବ ସମ୍ବଳ ନଷ୍ଟ ହେଉଥିବା ପରିପ୍ରେକ୍ଷୀରେ ବିଭାଗ ଓ ନିର୍ଦ୍ଦେଶାଳୟ ପାଇଁ ଅଲଗା ଅଲଗା ସେକ୍ସନ ବଦଳରେ ଏକକ ସେକ୍ସନ ବ୍ୟବସ୍ଥା କରିବେ କି ?

----

## ବୁକ୍ ସର୍କୁଲାର-47 ର ପାଳନ

543 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବୁକ୍ ସର୍କୁଲାର-47 ଆଧାରରେ ମାନ୍ୟବର ବିଧାୟକମାନଙ୍କ ପତ୍ର ଉପରେ ପ୍ରାପ୍ତି ସ୍ୱୀକାର ଓ କାର୍ଯ୍ୟାନୁଷ୍ଠାନ ବିବରଣୀ ପ୍ରଦାନ ପାଇଁ କି ବ୍ୟବସ୍ଥା ଅଛି ଏହାକୁ କଡାକଡି ପାଳନ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି ?

----

## ଆଇ-ଟି ପାର୍କ ପ୍ରତିଷ୍ଠା

544 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚୌଦ୍ୱାରଠାରେ ଆଇ.ଟି. ପାର୍କ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର 'ହଁ' ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଦାବି ପୂରଣ ପାଇଁ ପଦକ୍ଷେପ

545 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୂର୍ବତନ ବିଧାୟକ/ ବିଧାୟିକା ମାନଙ୍କ କଲ୍ୟାଣ ପାଇଁ ପୂର୍ବତନ ବିଧାୟକ ପରିଷଦ ପ୍ରଦାନ କରିଥିବା ସ୍ମାରକପତ୍ରର କେତେଗୋଟି ଦାବି ପୂରଣ ହୋଇଛି, ଅବଶିଷ୍ଟ ଦାବି ପୂରଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଥାନା ଓ ଫାଣ୍ଡିରେ ପଦବୀ ପୂରଣ

546 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- କଟକ କମିଶନରେଟ୍ ପୋଲିସ୍ ଅଧିନରେ କେଉଁ ଥାନା ଓ ଫାଣ୍ଡିରେ ମଞ୍ଜୁରୀପ୍ରାପ୍ତ କେଉଁ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ସ୍ୱତନ୍ତ୍ର ଡ଼ାକଟିକଟ ପ୍ରଚଳନ

547 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସମାଜର ପୂର୍ବତନ ସମ୍ପାଦକ ଡକ୍ଟର ରାଧାନାଥ ରଥଙ୍କ ଉପରେ ସ୍ୱତନ୍ତ୍ର ଡାକ ଟିକଟ ପ୍ରଚଳନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର 'ହଁ' ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ସମାଧାନ ନ ହୋଇ ପଡ଼ିଥିବା ସାଧାରଣ ଅଭିଯୋଗର ସଂଖ୍ୟା

548 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (କ) କେଉଁ ବିଭାଗ ଅଧିନସ୍ଥ, କେଉଁ ନିର୍ଦ୍ଦେଶାଳୟ ଓ କ୍ଷେତ୍ର କାର୍ଯ୍ୟାଳୟ ଓ ବିଭିନ୍ନ ଜିଲ୍ଲା କାର୍ଯ୍ୟାଳୟରେ କେତେଗୋଟି ସାଧାରଣ ଅଭିଯୋଗ ସମାଧାନ ନହୋଇ ପଡ଼ି ରହିଛି, ତାହାର ବିବରଣୀ ଦର୍ଶାଇ ଏହି ଅଭିଯୋଗ ଗୁଡ଼ିକ କେବେସୁଦ୍ଧା ସମାଧାନ ହୋଇ ଲୋକଙ୍କୁ ନ୍ୟାୟ ପ୍ରଦାନ କରାଯିବ ପ୍ରକାଶ କରିବେ କି; ଏବଂ (ଖ) ତା ୦୧.୦୭.୨୦୨୪ରିଖରେ ମାନ୍ୟବର ମୁଖ୍ୟ ମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଆରମ୍ଭ ହୋଇଥିବା ବେଳେ ଏଠାରେ ଗ୍ରହଣ କରାଯାଉଥିବା ଅଭିଯୋଗ ଗୁଡ଼ିକ ସୁପାରିଶ ଭିତ୍ତିକ ନ ହୋଇ କିପରି ୧୫ ଦିନ ମଧ୍ୟରେ ସମାଧାନ ହୋଇ ଆବେଦନକାରୀଙ୍କୁ ଅବଗତ କରାଯିବ ସେ ଦିଗରେ ସରକାର କି ପଦକ୍ଷେପ ନେଉଛନ୍ତି ?

----

## ବିଶିଷ୍ଟ ଲେଖକଙ୍କ ଉପରେ ସ୍ୱତନ୍ତ୍ର ଡ଼ାକ ଟିକଟ ପ୍ରଚଳନ

549 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଶିଷ୍ଟ ଲେଖକ, ପୂର୍ବତନ ସାଂସଦ ସୁରେନ୍ଦ୍ର ମହାନ୍ତି, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ସନ୍ଥ ବାବା ବୈକୁଣ୍ଠ ନାଥ ବ୍ରହ୍ମଚାରୀଙ୍କ ଉପରେ ସ୍ୱତନ୍ତ୍ର ଡାକ ଟିକଟ ପ୍ରଚଳନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର 'ହଁ' ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଖାଲିଥିବା ଆରକ୍ଷୀ ଅଧିକାରୀ ପଦବୀ ସଂଖ୍ୟା

550 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାର କେଉଁ ଆରକ୍ଷୀ କାର୍ଯ୍ୟାଳୟ, ଥାନା ଓ ଫାଣ୍ଡିରେ ମଞ୍ଜୁରୀପ୍ରାପ୍ତ ଆରକ୍ଷୀ ଅଧିକାରୀ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ଏହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## କୋଷାଗାରରେ ଖାଲିଥିବା ପଦବୀ

551 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାର କେଉଁ କୋଷାଗାର, ଉପକୋଷାଗାର ଓ ସ୍ୱତନ୍ତ୍ର କୋଷାଗାରରେ ମଞ୍ଜୁରୀପ୍ରାପ୍ତ କେଉଁ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ପରିବାର ପେନସନ ପ୍ରଦାନ

552 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଗଡ଼ଜାତ ରାଜା ଶାସନ ସମୟରେ ଶିକ୍ଷକତା କରି ପରଲୋକ ଗମନ କରିଥିବା ଶିକ୍ଷକମାନଙ୍କ ମଧ୍ୟରୁ କେଉଁମାନଙ୍କ ବିଧବା ପତ୍ନୀ ପରିବାର ପେନସନ୍ ପାଇଁ ଗଣଶିକ୍ଷା ବିଭାଗ, ଅର୍ଥ ବିଭାଗ ଓ ସରକାରଙ୍କ ଦ୍ୱାରସ୍ଥ ହୋଇଛନ୍ତି ତାଙ୍କ ଆବେଦନକୁ ଗ୍ରହଣ କରି ନିୟମ କୋହଳ କରି ସେମାନଙ୍କୁ ପରିବାର ପେନ୍ସନ୍ ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## ଭଦ୍ରକ ଜିଲ୍ଲାର ବରପୁତ୍ରଙ୍କ ନାମରେ ଡ଼ାକଟିକଟ ପ୍ରଚଳନ

553 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାର ବରପୁତ୍ର ଜାତୀୟ କବି ବାଞ୍ଛାନିଧି ମହାନ୍ତି, ବିପ୍ଳବୀ ଚକ୍ରଧର ବେହେରା, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ଲୋକକବି ଆଦି ଗୀତିନାଟ୍ୟକାର ଜଗନ୍ନାଥ ପାଣିଙ୍କ ଉପରେ ସ୍ୱତନ୍ତ୍ର ଡାକ ଟିକଟ ପ୍ରଚଳନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର 'ହଁ' ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ମୃତ୍ୟୁକାଳୀନ ସହାୟତା ପ୍ରଦାନ

554 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ ବିଭାଗ ଅଧିନସ୍ଥ କେଉଁ କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟକରୁଥିବା ସମୟରେ ମୃତ୍ୟୁବରଣ କରିଥିବା କେଉଁ ସରକାରୀ କର୍ମଚାରୀଙ୍କ ପରିବାରକୁ ତାଙ୍କର ମୃତ୍ୟୁକାଳୀନ ସହାୟତା ଓ ପରିବାର ପେନସନ୍ ମଞ୍ଜୁର କରାଯାଇନାହିଁ ପ୍ରକାଶ କରି ଏହାକୁ ଅନୁଧ୍ୟାନ କରି ତୁରନ୍ତ ପ୍ରଦାନ ପାଇଁ ବ୍ୟବସ୍ଥା କରିବେ କି ?

----

## ବିଧାୟକ ଅଭିଯୋଗ କର୍ଯ୍ୟାଳୟ ଖୋଲିବାକୁ ପ୍ରସ୍ତାବ

555 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନିଜ ନିଜ ନିର୍ବାଚନ ମଣ୍ଡଳୀର ଲୋକ ମାନଙ୍କ ସମସ୍ୟା, ଅଭିଯୋଗ ବୁଝିବା ପାଇଁ ଓ ସମାଧାନ ପାଇଁ ସରକାର ବିଧାୟକ ମାନଙ୍କ ପାଇଁ ପ୍ରତି ନିର୍ବାଚନ ମଣ୍ଡଳୀରେ ବିଧାୟକ ଅଭିଯୋଗ ଅଫିସ ଏବଂ ସେଥିପାଇଁ ସହାୟକ ଯୋଗାଇବା ବ୍ୟବସ୍ଥା କରିବେ କି ବିଧାୟକ ଓ ପୂର୍ବତନ ବିଧାୟକ ମାନଙ୍କ ଦରମା, ପେନସନ୍ ଓ ଅନ୍ୟାନ୍ୟ ଭତ୍ତା ସମ୍ପର୍କରେ ପୂର୍ବ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା କମିଟି ରିପୋର୍ଟ ଅନୁଯାୟୀ ସରକାର ଠୋସ୍ ପଦକ୍ଷେପ ନେବେ କି ?

----

## ସାଇବର ଠକେଇ ରୋକିବାକୁ ପଦକ୍ଷେପ

556 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସାରା ରାଜ୍ୟରେ ସାଇବର ଠକ ଓ Cyber ଠକେଇ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସରକାର ଏହି ମାମଲା ଗୁଡିକ ଉପରେ ଭଲଭାବେ ଅନୁସନ୍ଧାନ କରିବା ସଠିକ୍ ତଥ୍ୟ ଜାଣିବା ପାଇଁ ସବୁ ବ୍ୟାଙ୍କ୍, ଥାନା ଓ ଅନ୍ୟାନ୍ୟ ଅନୁଷ୍ଠାନ ମାନଙ୍କରେ Computer Export ନିଯୁକ୍ତି ଦେବେ କି ?

----

## GST ବାବଦରେ ଆଦାୟ ହୋଇଥିବା ରାଜସ୍ୱ ପରିପାଣ

557 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- 2023-24 ଆଥିକ ବର୍ଷରେ ଓ ଚଳିତ ଆର୍ଥିକ ବର୍ଷ ପ୍ରଥମ 6 ମାସରେ GST ବାବଦକୁ କେତେ ରାଜସ୍ୱ ଆସିଛି ଓ ଅନ୍ୟାନ୍ୟ TAX (Direct & indirect tax) ବାବଦକୁ କେତେ ଅର୍ଥ ରାଜକୋଷକୁ ଆସିଛି ଉତ୍ତର ଦେବି କି ?

----

**Ambulance ଯୋଗାଣ**

558 **ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ (କବିସୂର୍ଯ୍ୟ ନଗର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗଞ୍ଜାମ ଜିଲ୍ଲାର କବିସୁର୍ଯ୍ୟ ନଗର ସମସ୍ତ ଡାକ୍ତରଖାନା କୁ ନୂତନ Ambulance ଦେବା ପାଇଁ ପଦକ୍ଷେପ ନେବେ କି ?

----

**R.K.C ଗଠନ ପାଇଁ ପଦକ୍ଷେପ**

559 **ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ (କବିସୂର୍ଯ୍ୟ ନଗର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ସମସ୍ତ CHC & PHC ରେ R.K.C ଗଠନ କରିବା ପାଇଁ ପଦକ୍ଷେପ ନେବେ କି ?

----

**ଡାକ୍ତରଖାନା ତାଲିକା ପ୍ରଦାନ**

560 **ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ (କବିସୂର୍ଯ୍ୟ ନଗର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗଞ୍ଜାମ ଜିଲ୍ଲାର କବି ସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ କେତେ ଡାକ୍ତରଖାନା ଅଛି, ତା'ର ତାଲିକା ଉପସ୍ଥାପନ କରିବେ କି ?

----

**ସରକାରୀ ବାସଗୃହ ଯୋଗାଣ**

561 **ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ (କବିସୂର୍ଯ୍ୟ ନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟ ନଗର ନିର୍ବାଚନ ମଣ୍ଡଳୀରେ ସମସ୍ତ ଥାନା ଏବଂ staff ପାଇଁ Quarter ନିର୍ମାଣ ପାଇଁ ପଦକ୍ଷେପ ନେବେ କି ?

----

**କର୍ମଚାରୀଙ୍କ ବଦଳୀ ନୀତିରେ ବ୍ୟାପକ ଦୁର୍ନୀତି**

562 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- (କ) ପୋଲିସ ବେତାର ବିଭାଗରେ କର୍ମଚାରୀମାନଙ୍କର Transfer, Deputation/attachment ଇତ୍ୟାଦିରେ ବ୍ୟାପକ ଦୁର୍ନୀତି ଅନିୟମିତତା ଖବର ସତ୍ୟ କି, ଯଦି 'ହଁ' (କ) 2022 ଜାନୁୟାରୀ ଠାରୁ ଅଦ୍ୟାବଧି PEB ମାଧ୍ୟମରେ କେତେଜଣଙ୍କର କେବେ ବଦଳୀ ହୋଇଛି, ପୁଣି ସେମାନଙ୍କୁ Deputation/attachment ରେ ପୂର୍ବ ଜାଗାକୁ କେବେ ଓ କେଉଁ କାର୍ଯ୍ୟ ପାଇଁ ଫେରାଇ ଅଣାଯାଇଛି, ସେମାନଙ୍କୁ କେବେ ସୁଦ୍ଧା ତାଙ୍କର ପୋଷ୍ଟିଂ ଜାଗାକୁ ଫେରାଇବେ ତାହା ଜଣାଇବେ କି ; (ଖ) ଉପରୋକ୍ତ PEB ରେ ବ୍ୟାପକ ଅନିୟମିତତା ପାଇଁ ସରକାର ଦାୟୀ ଅଧିକାରୀଙ୍କର ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ଜଣାଇବେ କି, ଏବଂ ଏହା ବ୍ୟତୀତ ବିଭିନ୍ନ Section ରେ ଦାୟୀତ୍ୱ ଆବଣ୍ଟନ ସମ୍ବନ୍ଧୀୟ ନିର୍ଦ୍ଦେଶନାମା No.1309/Communication Dtd. 02.07.2021 କାର୍ଯ୍ୟକାରୀ ନହେବାର କାରଣ ଓ କେବେ ସୁଦ୍ଧା ତାହା କାର୍ଯ୍ୟକାରୀ କରାଯିବ ତା'ର ସବିସ୍ତୃତ ବିବରଣୀ ଜଣାଇବେ କି ?

----

## କର୍ମଚାରୀ ଅପସାରଣ ପାଇଁ ପଦକ୍ଷେପ

**563 ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟ ପୋଲିସ ବେତାର ବିଭାଗରେ କିଛି କର୍ମଚାରୀଙ୍କ ବିରୁଦ୍ଧରେ ଘରୋଇ ହିଂସା ଓ ଯୌତୁକ ନିର୍ଯ୍ୟାତନା ମାମଲା ଥାଇ ସେମାନଙ୍କୁ ADGP Communication କାର୍ଯ୍ୟାଳୟ, Con. Section, Training ଇତ୍ୟାଦିରେ ବାରମ୍ବାର ନିଯୁକ୍ତି ଦିଆଯାଇ ସେମାନଙ୍କୁ ସୁରକ୍ଷା ଦେବା ଦ୍ୱାରା ସରକାରୀ ନିୟମ ଉଲ୍ଲଘଂନ ହେଉଥିବା ସମ୍ପର୍କରେ ସରକାର କି ପଦକ୍ଷେପ ନେଇଛନ୍ତି ; (ଖ) ସେମାନଙ୍କର କି ସ୍ୱତନ୍ତ୍ର ଯୋଗ୍ୟତା କିମ୍ବା ଅଭିଜ୍ଞତା ପାଇଁ ସେଠାରେ ବାରମ୍ବାର ନିୟୋଜିତ କରାଯାଉଛି ତାହା ଜଣାଇବା ସହିତ ସେମାନଙ୍କ ଠାରୁ ଅଧିକ ଯୋଗ୍ୟତା ସମ୍ପନ୍ନ କର୍ମଚାରୀ ବିଭାଗରେ ଥିବାବେଳେ ପ୍ରଶାସନିକ ଆବଶ୍ୟକତା ଆଳରେ ନିର୍ଦ୍ଦିଷ୍ଟ କର୍ମଚାରୀଙ୍କୁ ସୁରକ୍ଷା ଦେଉଥିବା ଅଧିକାରୀଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ଏବଂ ପୁନଶ୍ଚ ସେମାନଙ୍କୁ କେଉଁ ଦାୟୀତ୍ୱ କିମ୍ବା କେଉଁ କମିଟିରେ ଓ କେଉଁ ପରିପ୍ରେକ୍ଷୀରେ ସଭ୍ୟ କରାଯାଇଛି ଜଣାଇବା ସହିତ ବିଭାଗରେ ସ୍ୱଚ୍ଛତା ପାଇଁ ସେମାନଙ୍କୁ କେବେ ସୁଦ୍ଧା ଏହି ସେକ୍ସନ ଗୁଡିକରୁ ଅପସାରଣ କରିବେ ଜଣାଇବେ କି ?

----

## କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

**564 ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः-ः- (କ) 2022 ମସିହାରେ ପୋଲିସ୍ ବେତାର ବିଭାଗର କେତେଜଣ କର୍ମଚାରୀ ସ୍ୱାସ୍ଥ୍ୟ ସମ୍ପର୍କୀତ ଅସତ୍ୟ ଓ କପୋଳକଳ୍ପିତ ଦସ୍ତାବିଜ୍ ବିଭାଗକୁ ପ୍ରଦାନ କରିବା ଓ ନିଜ ନିଜର ବଦଳି ଆଦେଶ ଉପରେ ମାନ୍ୟବର ଉଚ୍ଚ ନ୍ୟାୟାଳୟରୁ ସ୍ଥଗିତ ଆଦେଶପ୍ରାପ୍ତ ହୋଇଥିବା ରାଜ୍ୟ ସରକାର ଜାଣିଛନ୍ତି କି, ଯଦି 'ହଁ', ପରବର୍ତ୍ତୀ ସମୟରେ DMET, SCB Mch., Cuttack ଦ୍ୱାରା ତାହା ଭୁଲ୍ ଓ ଅସତ୍ୟ ପ୍ରମାଣିତ ହେଲାପରେ ମଧ୍ୟ ଉପରୋକ୍ତ କର୍ମଚାରୀଙ୍କ ବିରୁଦ୍ଧରେ କୌଣସି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ସମ୍ପର୍କରେ ସରକାର କି ପଦକ୍ଷେପ ନେଇଛନ୍ତି ଓ କେବେ ସୁଦ୍ଧା ଏହି ଖିଲାପି କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତାହା ଜଣାଇବେ କି ; (ଖ) ଉପରୋକ୍ତ କର୍ମଚାରୀ ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ କେତୋଟି ମୋକଦ୍ଦମା କରିଛନ୍ତି ଓ ସେମାନଙ୍କୁ କେଉଁ କେଉଁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପନ କରାଯାଇଛି ଓ ଏ ବାବଦରେ ସରକାର କି ପଦକ୍ଷେପ ନେଇଛନ୍ତି ସବିସ୍ତୃତ ବିବରଣୀ ଜଣାଇବେ କି ?

----

## ଶିଶୁ ଭବନର ବିଲଡିଙ୍ଗ୍ କାର୍ଯ୍ୟ

565 **ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ଶିଶୁଭବନ ନୂତନ ବିଲଡିଙ୍ଗ୍ କାର୍ଯ୍ୟ ବର୍ତ୍ତମାନ କେଉଁ ସ୍ଥିତିରେ ଅଛି, କେବେସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହେବ ଓ କେବେ ଏହାକୁ ସାଧାରଣ ଲୋକଙ୍କ ପାଇଁ ଉପଲବ୍ଧ କରାଯିବ, ଶିଶୁ ଭବନରେ MRI ଓ CT SCAN ସେବା Public-Private Partnership (PPP) mode ଦ୍ୱାରା ଯୋଗାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା, ତାହା ଏବେ ଲାଗୁ ହୋଇଛି କି, ଯଦି 'ନାଁ' ତାହେଲେ ତା'ର କାରଣ କ'ଣ ଓ କେବେ ଲାଗୁ ହେବ ?

----

## Mental Health Care

566 **ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- (a) What comprehensive plans has the Government formulated to enhance mental health services across the Country, particularly through the National Mental Health Programme (NMHP) and the National Tele-Mental Health Programme, how does the Government plan to improve access to and the quality of mental health care, including details on the expansion and functioning of Tele-MANAS helpline services ; (b) What specific measures are being taken to integrate counselling and mental health services into existing healthcare systems, including digital health platforms like e-Sanjeevani, to ensure widespread accessibility, has the Government set any targets for increasing mental health ?

----

## CHC ନୂତନ ଗୃହ ନିର୍ମାଣ

567 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ଥ ବାଲିଖଣ୍ଡ CHC ର ନୂତନ ଗୃହ ନିର୍ମାଣ ପାଇଁ କେଉଁ ଜରିଆରେ କେତେ ଟଙ୍କା ମଞ୍ଜୁର ହୋଇଅଛି, ଅଦ୍ୟାବଧି ଉକ୍ତ ଟଙ୍କାରେ କେଉଁ ପ୍ରକାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି, ଅବଶିଷ୍ଟ କାର୍ଯ୍ୟ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି ଏ ସମସ୍ତ ତଥ୍ୟର ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ କି ?

----

## ଅର୍ଥ ଭରଣା କରିବାକୁ ପଦକ୍ଷେପ

568 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ପୂର୍ବ ସରକାରଙ୍କର 5-T ନାମରେ ଖୋଲାଯାଇଥିବା ସମସ୍ତ ସରକାରୀ କାର୍ଯ୍ୟାଳୟରେ ବିଭାଗ ଯଦି ଅବୈଧ ତେବେ ଉକ୍ତ 5-T ର chairperson ଙ୍କ ଦ୍ୱାରା announcement କରାଯାଇଥିବା ତଥା ପ୍ରଦାନ କରାଯାଉଥିବା ସମସ୍ତ ଅର୍ଥ କେଉଁଠାରୁ ପ୍ରାପ୍ତ ହେଉଥିଲା, ସେ ସମସ୍ତର ପୂର୍ଣ୍ଣ ବିବରଣୀ ସହ ଖର୍ଚ୍ଚ ହୋଇଥିବା ଅର୍ଥର ପରିମାଣ ତଥା 5-T ଅଧ୍ୟକ୍ଷଙ୍କ ଦ୍ୱାରା Helicaptor ଗସ୍ତରେ ବ୍ୟୟିତ ଅର୍ଥକୁ ରାଜ୍ୟ ସରକାର କେଉଁ ତହବିଲ୍ ରୁ ପ୍ରାପ୍ତ କରିବେ ସେ ସମ୍ପର୍କୀତ ବାସ୍ତବ ତଥ୍ୟ ପ୍ରଦାନ କରିବେ କି, ଏତଦ୍ ସହ ଏଥିପାଇଁ କାହାକୁ ଦାୟୀ କରାଇ ସେ ସମସ୍ତ ଅର୍ଥ ଭରଣା କରିବେ ସେ ସମ୍ପର୍କୀତ ତଥ୍ୟ ପ୍ରଦାନ କରିବେ କି ?

----

## ଅଭିଯୋଗ ଶୁଣାଣି ସମ୍ପର୍କରେ

569 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ବିଗତ ସରକାରଙ୍କର "Promotion Adalat" ଟି କେଉଁ ବିଭାଗ ଦ୍ୱାରା ପରିଚାଳିତ ହେଉଥିଲା ଏବଂ ସେଥିରେ 5-T Secretary/ Chairman ଅଧ୍ୟକ୍ଷତା କରୁଥିଲେ, ଯେଉଁଥିରେ ଖର୍ଚ୍ଚ ହୋଇଥିବା ପୂର୍ଣ୍ଣ ଅର୍ଥର ସବିଶେଷ ତଥ୍ୟ ସହ ଉପରୋକ୍ତ କାର୍ଯ୍ୟ ଦ୍ୱାରା କେତେ କର୍ମଚାରୀ ଉପକୃତ ହୋଇଛନ୍ତି ସେ ସମସ୍ତର ତଥ୍ୟ ପ୍ରଦାନ କରିବେ କି; ଏତଦ ସହ ଆଜସୁଦ୍ଧା କେତେ ସରକାରୀ କର୍ମଚାରୀଙ୍କର ଦରଖାସ୍ତ ଏଯାବତ ବିଚାର ପାଇଁ ପଡ଼ିରହିଛି ତାର ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## Trauma Care Unit କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ

570 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ Trauma Care ସେଣ୍ଟର କାର୍ଯ୍ୟକାରୀ କରିବା ପାଇଁ ଅଦ୍ୟାବଧି ନିର୍ଦ୍ଧାରିତ ଆବଶ୍ୟକତା ଓ ମାନଦଣ୍ଡ ଅନୁଯାୟୀ କେଉଁ କେଉଁ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି ଓ ଆହୁରି କେଉଁ କେଉଁ କାର୍ଯ୍ୟ ଅଦ୍ୟାବଧି ହୋଇନାହିଁ, ସମସ୍ତ ଆବଶ୍ୟକତାକୁ ପୂରଣ କରି କେବେଠାରୁ Trauma Care Unit କାର୍ଯ୍ୟକ୍ଷମ ହେବ ଜଣାଇବେ କି ?

----

## Deputation Order କୁ ବନ୍ଦ କରିବାକୁ ପଦକ୍ଷେପ

571 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସରକାର Doctor ଏବଂ Para-Medical Staff ଙ୍କୁ ଯେଉଁ ଯେଉଁ Medical ରେ ନିଯୁକ୍ତି ଦେଇଛନ୍ତି ସେଠାରୁ କିଛି Staff ଅନ୍ୟତ୍ର deputation ଚାଲିଯାଉଥିବାରୁ ଆଗରୁ posting ହୋଇଥିବା ମୂଳ ଜାଗା Medical ମାନଙ୍କରେ ରୋଗୀ ସେବାରେ ଘୋର ବିଭ୍ରାଟ ସୃଷ୍ଟି ହେଉଛି, ତେଣୁ ଏହି ଅସୁବିଧାକୁ ଦୂର କରିବା ପାଇଁ ସରକାର deputation order କୁ ବନ୍ଦ କରିବା ପାଇଁ ପଦକ୍ଷେପ ନେବେ କି ?

----